# ସରକାରୀ କଂକ୍ରିଟ ରାସ୍ତାକୁ ଉପାଡ଼ିଦେଲେ





## ୫୦ ପରିବାରର ନିତିଦିନିଆ ରାସ୍ତା ବନ୍ଦ

ସୁନ୍ଦରଗଡ଼, ୧୧।୭ (ସମିସ)

ଟାଙ୍ଗରପାଲି ବ୍ଲକ ସାନପତ୍ରାପାଲି ପଞ୍ଚାୟତ ସାନପତ୍ରାପାଲି ଖଡ଼ିଆପଡ଼ା ରାସ୍ତାକୁ ଜଣେ ବ୍ୟକ୍ତି ଭାଇବ୍ରେଟରରେ ଉପାଡ଼ି ଭାଙ୍ଗିଦେଇଥିବା ଅଭିଯୋଗ ହୋଇଛି। ସାନ ପତ୍ରାପାଲି ଗ୍ରାମରେ ବସତି ସ୍ଥାପନ ହେବା ଦିନଠାରୁ ଖଡ଼ିଆପଡ଼ାର ୫୦ ପରିବାର ପାଇଁ ଏକ ମାଟି ରାସ୍ତା ରହିଥିଲା। ମାଟି ରାସ୍ତା ଯୋଗୁଁ ଗ୍ରାମବାସୀ ବର୍ଷାଦିନେ କାଦୁଅରେ ଯିବା ଆସିବା କରୁଥିଲେ। ପଡ଼ାବାସୀଙ୍କ ଗମନାଗମନ ସୁବିଧା ପାଇଁ ଦୀର୍ଘବର୍ଷ ପୂର୍ବେ ତତ୍କାଳୀନ ସରପଞ୍ଚ ଜଗନ୍ନାଥ ଓରାମ ଉକ୍ତ ରାସ୍ତାକୁ କଂକ୍ରିଟ କରିବା ଦିଗରେ ପଦକ୍ଷେପ ନେଇଥିଲେ। କଂକ୍ରିଟ ରାସ୍ତା ନିର୍ମାଣ ହେବା ପରେ ଲୋକେ ସୁବିଧାରେ ଯିବାଆସିବା କରୁଥିବା ବେଳେ ସମ୍ପ୍ରତି ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ତାଙ୍କ ରୟତି ଜମିରେ ରାସ୍ତା ନିର୍ମାଣ ହୋଇଥିବା କହୁଛନ୍ତି। ଏପରିକି ସେ କଂକ୍ରିଟ ରାସ୍ତା ଭାଙ୍ଗି ଦେଇଛନ୍ତି। ଫଳରେ ସମ୍ପୃକ୍ତ ୫୦ ପରିବାର ପାଇଁ ଯାତାୟାତ ବନ୍ଦ ହୋଇଯାଇଥିବାରୁ ସେମାନେ ଯିବାଆସିବା କରିପାରୁ ନାହାନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ରାଜସ୍ୱ ବିଭାଗ ପକ୍ଷରୁ ମାପ କରାଯିବାରେ ଉକ୍ତ କଂକ୍ରିଟ ରାସ୍ତା ପ୍ରକୃତରେ ରୟତି ଜମିରେ ନିର୍ମାଣ ହୋଇଥିବା ଜଣାପଡ଼ିଛି। ତେବେ ଉକ୍ତ ପ୍ଲଟରେ କଂକ୍ରିଟ ରାସ୍ତା ଉପାଡ଼ି ବନ୍ଦ କରିଥିବା ଟଙ୍କଧର ବୁଢ଼ାଙ୍କ ବ୍ୟକ୍ତିଗତ ମାଲିକାନା ନାହିଁ। ତାଙ୍କ ଶଶୁର ଘରର ଯୁଗ୍ମ ମାଲିକାନା ରହିଛି। ବାକି ଅଂଶୀଦାରମାନେ ରାସ୍ତା ବନ୍ଦ କରିବା ସପକ୍ଷରେ ନାହାନ୍ତି କି ତାଙ୍କୁ ଜମିର ଉପଭୋଗ କିମ୍ବା ରାସ୍ତା ବନ୍ଦ କରିବା ପାଇଁ କ୍ଷମତା ଦେଇନାହାନ୍ତି। ତଥାପି କେଉଁ କ୍ଷମତା ବଳରେ ସେ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କାରେ ନିର୍ମିତ କଂକ୍ରିଟ ରାସ୍ତାକୁ ଉପାଡ଼ି ପକାଇଛନ୍ତି ବୋଲି ଗ୍ରାମବାସୀ ପ୍ରଶ୍ନ ଉଠାଉଛନ୍ତି। ଅପରପକ୍ଷରେ, ସ୍ଥାନୀୟ ସରପଞ୍ଚ ବିଭୂତି ଭୂଷଣ ଓରାମ ଓ ସମିତି ସଭ୍ୟ ବାର୍ଗୀ ଓରାମଙ୍କ ନେତୃତ୍ୱରେ ପଡ଼ାବାସୀ ଗୁରୁବାର ଜିଲ୍ଲାପାଳଙ୍କୁ ଦ୍ୱାରସ୍ଥ ହୋଇଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଉପଜିଲ୍ଲାପାଳ ଦାଶରଥି ସରାବୁଙ୍କୁ ଭେଟି ଏ ସମ୍ପର୍କରେ ତାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଯୋଗାଣ ସହାୟକଙ୍କ ଦାଦାଗିରି; ବିଡିଓଙ୍କୁ ଅଭିଯୋଗ

**ହେମଗିରି, ୧୧।୭ (ସମିସ):** ହେମଗିରି ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଯୋଗାଣ ସହାୟକଙ୍କ ଦାଦାଗିରି ଦେଖିବାକୁ ମିଳୁଛି। ସେମାନେ ହିତାଧିକାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ଅଭିଯୋଗ ରହିଛି। ସରକାର ଅସହାୟ ତଥା ଗରିବଙ୍କ ପେଟକୁ ଦାନା ଦେବା ପାଇଁ ଖାଦ୍ୟ ଯୋଗାଣ ବ୍ୟବସ୍ଥା କରିଛନ୍ତି। ଏଥିରେ ସହାୟତା ପାଇଁ ଯୋଗାଣ ସହାୟକଙ୍କୁ ନିଯୁକ୍ତି ଦିଆଯାଇଛି। ହେଲେ ସେହି ଯୋଗାଣ ସହାୟକମାନେ ନିରୀହ ଜନତାଙ୍କୁ ସହଯୋଗ ବଦଳରେ ଦୁର୍ବ୍ୟବହାର କରୁଛନ୍ତି। ହେମଗିରି ପଞ୍ଚାୟତ ଯୋଗାଣ ସହାୟିକା ନମିତା ନାୟକଙ୍କ ବିରୋଧରେ ଏପରି ଅଭିଯୋଗ ହେଇ ଆସୁଥିଲା। ଗୁରୁବାର ପଞ୍ଚାୟତର ବହୁ ପୁରୁଷ ଓ ମହିଳା ହିତାଧିକାରୀ ବିଜେପି ନେତା ସୁମିତ କରଙ୍କ



ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟକୁ ଯାଇ ଏ ସମ୍ପର୍କରେ ବିଡିଓଙ୍କୁ ଅଭିଯୋଗ କରିଛନ୍ତି। ହିତାଧିକାରୀମାନେ ରାସନ ସାମଗ୍ରୀ ମିଳୁଥିବା ଖବର ପାଇ କାମଧନ୍ଦା ଛାଡ଼ି ପିଲାଛୁଆଙ୍କୁ ଧରି ବହୁ କଷ୍ଟରେ ଦୂରଦୂରାନ୍ତରୁ ଆସିଥାନ୍ତି। ତେବେ ରାସନ ବିତରଣ କେନ୍ଦ୍ରରେ ସେମାନେ ପହଞ୍ଚିବା ପରେ ଆଜି ମିଳୁ ନ ଥିବା କହି ସେମାନଙ୍କୁ ଫେରାଇ ଦିଆଯାଉଛି। ସମୟ ସମୟରେ ହିତାଧିକାରୀମାନେ ରାସନ ପାଇଁ ଦୀର୍ଘ ସମୟ ଧାଡ଼ିରେ ଅପେକ୍ଷା କରୁଥିବାବେଳେ ଯୋଗାଣ ସହାୟକ ବିଳମ୍ବରେ ଆସି ଶୀଘ୍ର ବଣ୍ଟନ ବନ୍ଦ କରିଦେଉଥିବା ଅଭିଯୋଗ ହୋଇଛି। ଫଳରେ ଲୋକେ ନିରାଶ ହୋଇ ଫେରୁଥିବା ନଜର ରହିଛି। ସମାନ ଅଭିଯୋଗ ଟପରିଆ ପଞ୍ଚାୟତ ଯୋଗାଣ ସହାୟିକା ମୋନୀୟା ଶତପଥୀଙ୍କ ବିରୋଧରେ ମଧ୍ୟ ରହିଛି। ଅଧିକାଂଶ ଯୋଗାଣ ସହାୟକ ନିଜ ମୁଖ୍ୟାଳୟରେ ନ ରହି ଅନ୍ୟତ୍ର ରହନ୍ତି। ରାସନ ବଣ୍ଟନ ଧାର୍ଯ୍ୟ ଦିନ ବିଳମ୍ବରେ ଆସି ହିତାଧିକାରୀଙ୍କ ଉପରେ ବିରକ୍ତି ପ୍ରକାଶ କରିବା ସହ ଖରାପ ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ଏଥିପ୍ରତି ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

### ଅଜଣା ଗାଡ଼ି ଧକ୍କାରେ ବାଇକ୍ ଆରୋହୀଙ୍କ ୨ ଗୋଡ଼ ଭାଙ୍ଗିଲା

# ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ



**ସୁନ୍ଦରଗଡ଼, ୧୧।୭ (ସମିସ):** ସୁନ୍ଦରଗଡ଼-ଏମସିଏଲ ରାସ୍ତାର ଲେଫ୍ରିପଡ଼ା ଥାନା ଦେଉଳିରେ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ୨ ଗୋଡ଼ ଭାଙ୍ଗିଯାଇଛି। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନା ପଠାଇଛନ୍ତି। ଆହତ ଯୁବକ ହେଲେ କୁତୁର୍ମା ଗ୍ରାମର ପୀତାମ୍ବର ସାଙ୍କ ପୁଅ ବିଶାଳ ସା। ବୁଧବାର ସନ୍ଧ୍ୟାରେ ବିଶାଳ ବାଇକରେ ଯାଉଥିବା ବେଳେ କୌଣସି ଗାଡ଼ି ତାଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ଏଥିରେ ତାଙ୍କର ଦୁଇଟିଯାକ ଗୋଡ଼ ଭାଙ୍ଗିଛି। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଭିନ୍ନ ଦାବିରେ ଲୋକେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଲେଫ୍ରିପଡ଼ା ଥାନା ପୁଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ତଥାପି ଆନ୍ଦୋଳନକାରୀ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା। ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂହ ଆନ୍ଦୋଳନସ୍ଥଳକୁ ଯାଇ ଆହତଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ପ୍ରଶାସନ ବହନ କରିବାକୁ ଦାବି କରିଥିଲେ। ଗୁରୁବାର ସକାଳେ ଲେଫ୍ରିପଡ଼ା ତହସିଲଦାର ପ୍ରତିମା ପିଙ୍ଗ, ସଦର ଥାନା ଆଇଆଇସି ସସ୍ମିତା ଦେବତା ପ୍ରମୁଖ ପହଞ୍ଚି ବୁଝାଶୁଝା କରିଥିଲେ। ଆହତଙ୍କ ଚିକିତ୍ସା ପାଇଁ ବିଧାୟକ ସିଂହ ୫୦ ହଜାର, ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏସନ ୫୦ ହଜାର ଓ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପରେ ଅପରାହ୍ନରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଛି।



ସୁନ୍ଦରଗଡ଼ ରାଜବାଟୀ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ରାମ-ବଳରାମ ବେଶ

## କେସିସିଧାରୀଙ୍କ ଦୁର୍ଘଟଣାଜନିତ ମୃତ୍ୟୁରେ ୫ ଲକ୍ଷ ଟଙ୍କା ବୀମା ରାଶି ପ୍ରଦାନ



**ସୁନ୍ଦରଗଡ, ୧୧।୭ (ସମିସ):** ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ କିଷାନ କ୍ରେଡିଟ କାର୍ଡ (କେସିସି)ଧାରୀ ଚାଷୀଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ତାଙ୍କ ପରିବାର ଲୋକଙ୍କୁ ୫ ଲକ୍ଷ ଟଙ୍କା ବୀମାରାଶି ପ୍ରଦାନ କରାଯିବା ବ୍ୟବସ୍ଥା ରହିଛି। ଏ କ୍ରମରେ ସର୍ଗିପାଲି ଲ୍ୟାମ୍ପସର ମୁନିଲାଲ ଓରାମ (୩୫) ନାମକ ଜଣେ କେସିସିଧାରୀଙ୍କ ମୃତ୍ୟୁରେ ତାଙ୍କ ପରିବାର ଲୋକଙ୍କୁ ଗୁରୁବାର ୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ସର୍ଗିପାଲି ଗ୍ରାମର କିଷାନ କ୍ରେଡିଟ କାର୍ଡଧାରୀ ମୁନିଲାଲଙ୍କର ୨୦୨୧ ମାର୍ଚ୍ଚ ୧୫ରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଏଣୁ ସର୍ଗିପାଲି ଲ୍ୟାମ୍ପସ କାର୍ଯ୍ୟାଳୟରେ ତାଙ୍କ ସ୍ତ୍ରୀ ରୀନା ଓରାମଙ୍କୁ ଉକ୍ତ ବୀମା ରାଶି ଚେକ ପ୍ରଦାନ କରାଯାଇଛି। ସର୍ଗିପାଲି ଲ୍ୟାମ୍ପସ ସଭାପତି ରିତେଶ କୁମାର ସିଂହ ଏହି ଚେକ ପ୍ରଦାନ କରିଥିବା ବେଳେ ଏସଡିସିସିବିର ସର୍ଗିପାଲି ଶାଖା ପରିଚାଳକ ରୋହିତ କୁମାର ପଟେଲ, ସର୍ଗିପାଲି ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ନାଏକ ଓ ଅନ୍ୟ ଲ୍ୟାମ୍ପସ କର୍ମଚାରୀଙ୍କ ସମେତ ହିତାଧିକାରୀଙ୍କ ପରିବାର ଲୋକେ ଉପସ୍ଥିତ ଥିଲେ।

## ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ





**ସୁନ୍ଦରଗଡ଼, ୧୧।୭ (ସମିସ):** ସୁନ୍ଦରଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଶାନ୍ତ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଛି। ଚଳିତ ବର୍ଷ ଜନସଂଖ୍ୟା ଦିବସକୁ ଦୁଇଟି ପକ୍ଷରେ ବିଭକ୍ତ କରାଯାଇ ଜୁନ ୨୭ରୁ ଜୁଲାଇ ୧୦ ଯାଏ ସଚେତନତା ଏବଂ ଜୁଲାଇ ୧୧ରୁ ୨୪ ପର୍ଯ୍ୟନ୍ତ ଜନସଂଖ୍ୟା ସ୍ଥିରୀକରଣ ପକ୍ଷ ପାଳନ କରାଯାଉଛି। ଏହି ସ୍ଥିରୀକରଣ ପକ୍ଷରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ପରିବାର କଲ୍ୟାଣ ସେବା ଯୋଗାଣର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଆୟୋଜିତ ସଚେତନତା ରାଲିକୁ ସିଡିଏମଓ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ଏଏନମ ଟିସି ଓ ନର୍ସିଂ କଲେଜ ଛାତ୍ରୀଙ୍କ ସମେତ ମଙ୍ଗସପୁର, ସର୍ଗିପାଲି ଓ ସବ୍‌ଡେଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସଚେତନତା ରଥ ଭାଗ ନେଇଥିଲେ। ରାଲି ଶେଷରେ ଜିଲ୍ଲା ସ୍ୱାସ୍ଥ୍ୟ ତାଲିମ କେନ୍ଦ୍ରରେ ଏକ ସଚେତନତା ସଭା ହୋଇଥିଲା। ସିଡିଏମଓ ଡା. ପାତ୍ର ହିତାଧିକାରୀଙ୍କ ପାଇଁ ଆର୍ଥିକ ପ୍ରୋତ୍ସାହନ ରାଶି ବିଷୟରେ ଆଲୋଚନା କରିଥିଲେ। ଗର୍ଭପାତ ତଥା ପ୍ରସବ ପରବର୍ତ୍ତୀ ଆଇୟୁସିଡି ପାଇଁ ୩୦୦ ଟଙ୍କା, ମହିଳା ବନ୍ଧ୍ୟାକରଣ ପାଇଁ ୧୪୦୦ ଟଙ୍କା, ପ୍ରସବ ପରବର୍ତ୍ତୀ ବନ୍ଧ୍ୟାକରଣ ପାଇଁ ୨୨୦୦ ଟଙ୍କା ଓ ପୁରୁଷ ବନ୍ଧ୍ୟାକରଣ ପାଇଁ ୨୦୦୦ ଟଙ୍କା ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଉଥିବା ସୂଚନା ଦେଇଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଚୁଳବତୀ ସାହୁ ହିତାଧିକାରୀଙ୍କୁ ସ୍ଥିରତା ପକ୍ଷରେ ଯୋଗାଇଦେବାକୁ ଥିବା ସେବା ଏବଂ ପରିବାର ନିୟୋଜନ ପଦ୍ଧତି ବିଷୟରେ ଆଲୋଚନା କରିଥଲେ। ଡିପିଏମ ଶଙ୍କର ଆଚାର୍ଯ୍ୟ, ଡିଏମଆରସିଏଚ ଅଶ୍ୱିନୀ କୁମାର ମିଶ୍ର, ଡିପିଏଚସିଓ ମହେନ୍ଦ୍ର ବାଗ, ଏଡିପିଏଚସି ତୀରମଣି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଗେଟ୍ ତାଲା ଭାଙ୍ଗି ଚୋରି ଅଭିଯୋଗ

**ସୁନ୍ଦରଗଡ଼, ୧୧।୭ (ସମିସ):** ଉଜ୍ଜ୍ୱଳା ଥାନା ଅନ୍ତର୍ଗତ ବଡ଼ବାହାଲ ଗ୍ରାମର ସଞ୍ଜୟ ପଟେଲଙ୍କ ଘର ମୁଖ୍ୟ ଗେଟ ତାଲା ଭାଙ୍ଗି ଚୋରି ଅଭିଯୋଗ ହୋଇଛି। ବୁଧବାର ରାତିରେ ଦୁର୍ବୃତ୍ତମାନେ ସଞ୍ଜୟଙ୍କ ଘର ସାମ୍ନାରେ ଥିବା ଏକ ବାଇକ, ସାଇକଲ ଓ ୫ ଏଚ୍‌ପି କ୍ଷମତାସମ୍ପନ୍ନ ପାଣି ପମ୍ପ ଚୋରାଇ ନେଇଛନ୍ତି। ଏ ନେଇ ସଞ୍ଜୟ ଗୁରୁବାର ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ସିଆଇଟିୟୁର ସର୍ବଭାରତୀୟ ଦାବି ଦିବସ

**ରାଉରକେଲା, ୧୧।୭ (ସମିସ)**

ସିଆଇଟିୟୁ କେନ୍ଦ୍ର କମିଟି ଆହ୍ୱାନରେ ଗୁରୁବାର ଦେଶତମାମ ଶ୍ରମିକ, କୃଷକ ଓ ସାଧାରଣ ମେହନତି ମଣିଷର ୧୯ ଦଫା ଦାବି ନେଇ ଜିଲ୍ଲାପାଳ, ଉପଜିଲ୍ଲାପାଳ, ବ୍ଲକ ସ୍ତରରେ ଶୋଭାଯାତ୍ରା ଓ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସିଆଇଟିୟୁ ସୁନ୍ଦରଗଡ଼ ଜିଲ୍ଲା କମିଟି ପକ୍ଷରୁ ରାଉରକେଲା ଓ କୋଇଡ଼ାରେ ଏହି କାର୍ଯ୍ୟକ୍ରମ ଆୟୋଜିତ

### ବିଶାଳ ଶ୍ରମିକ ଶୋଭାଯାତ୍ରା ଓ ବିକ୍ଷୋଭ




ହୋଇଥିଲା। ଅପରାହ୍ନରେ ସିଆଇଟିୟୁ ସୁନ୍ଦରଗଡ଼ ଜିଲ୍ଲା କମିଟି ପକ୍ଷରୁ ରାଉରକେଲା ମହାନଗର ନିଗମ ଅଫିସ ସମ୍ମୁଖରୁ ଶ୍ରମିକ ଶୋଭାଯାତ୍ରା ବାହାରି ଅତିରିକ୍ତ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଖାଦ୍ୟ ସାମଗ୍ରୀର ଦରଦାମ ନିୟନ୍ତ୍ରଣ, ବନ୍ଦ ଥିବା କଳକାରଖାନା, ଖଣିଖାଦାନ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡ଼ିକୁ ତୁରନ୍ତ ଖୋଲିବା, ଶ୍ରମିକ ବିରୋଧୀ ଶ୍ରମକୋଡ୍ ପ୍ରତ୍ୟାହାର, ସର୍ବନିମ୍ନ ମଜୁରି ମାସିକ ୨୬ ହଜାର ଟଙ୍କା କରିବା, ଆଶା, ଅଙ୍ଗନବାଡ଼ି ସମେତ ସମସ୍ତ ସ୍କିମ୍ ଶ୍ରମିକ ଓ ଅସଂଗଠିତ ଶ୍ରମିକଙ୍କୁ ଶ୍ରମିକ ମାନ୍ୟତା ସହ ସାମାଜିକ ସୁରକ୍ଷା ପ୍ରଦାନ, ନୂତନ ନିର୍ମାଣ ଶ୍ରମିକଙ୍କୁ ପଞ୍ଜିକୃତ କରି ବଣ୍ଟନ ବନ୍ଦଥିବା ସହାୟତା ତୁରନ୍ତ ପ୍ରଦାନ, ହିଟ୍ ଆଣ୍ଡ ରନ୍ ଭଳି ପରିବହନ ଶ୍ରମିକ ବିରୋଧୀ କଳା ଆଇନ୍ ବାତିଲ, ଇଏସଆଇ ଡିସପେନସାରୀ, ମଡେଲ ହସ୍ପିଟାଲରେ ଡାକ୍ତର, ପାରା ମେଡିକାଲ କର୍ମଚାରୀ ନିଯୁକ୍ତି, ବୀମାଭୁକ୍ତ ଶ୍ରମିକଙ୍କୁ ପୂର୍ବପରି ଉତ୍ତମ ଚିକିତ୍ସା ପାଇଁ ରେଫରାଲର ବ୍ୟବସ୍ଥା, ରାଉରକେଲା ସୁପର ସ୍ପେଶାଲିଟି ହସ୍ପିଟାଲର ପରିଚାଳନା ଏମ୍ସକୁ ହସ୍ତାନ୍ତର, ପ୍ରଧାନମନ୍ତ୍ରୀଙ୍କ ପ୍ରତିଶ୍ରୁତି ଅନୁଯାୟୀ ଏହାକୁ ମେଡିକାଲ କଲେଜରେ ପରିଣତ କରିବା, କଳକାରଖାନା ଓ ଖଣି ଖାଦାନରେ ସ୍ଥାନୀୟ ଠିକାଦାର ଓ ଯୁବକଯୁବତୀଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପ୍ରଭୃତି ଦାବିରେ ଏହି କାର୍ଯ୍ୟକ୍ରମ ସଂଗଠିତ ହୋଇଥିଲା। ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ସିଆଇଟିୟୁ ରାଜ୍ୟ ଉପସଭାପତି ତଥା ଜିଲ୍ଲା ସାଧାରଣ ସମ୍ପାଦକ ବିମାନ ମାଇତି, ରାଜ୍ୟ ସମ୍ପାଦକ ବସନ୍ତ ନାୟକ, ଜିଲ୍ଲା ଉପସଭାପତି ଶ୍ରୀମନ୍ତ ବେହେରା, ଜିଲ୍ଲା ସମ୍ପାଦକ ରାଜକିଶୋର ପ୍ରଧାନ, ବିପି ମହାପାତ୍ର, ଅଭୟ ସସ୍ମିତା ଖେସ, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ଅରୁ ଦାସ, ଅଜୟ ଶର୍ମା ବିନୟ ବେହୁରିଆ, ବିଶ୍ୱଜିତ ମାଝୀ, ସମ୍ବିତ ସ୍ୱାଇଁ, ଏନ୍‌ଏନ୍ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

### ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ମାମଲା

## ଜେଲ୍ ଗଲେ ଅଭିଯୁକ୍ତ

**ସୁନ୍ଦରଗଡ଼, ୧୧।୭ (ସମିସ):** ଧରୁଆଡିହି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଓ ଦୁଷ୍କର୍ମ ମାମଲାରେ ପୁଲିସ ଲଫ୍ରିପଡ଼ା ଥାନା ସୁରୁଗୁଡ଼ା ଗ୍ରାମର ହେମନ୍ତ ରୋହିଦାସଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ପଠାଇ ଦିଆଯାଇଛି। ହେମନ୍ତ ସମ୍ପୃକ୍ତ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଅପହରଣ କରିବା ସହ ତିନିଦିନ ନିଜ କବ୍‌ଜାରେ ରଖି ଦୁଷ୍କର୍ମ କରିଥିବା ନାବାଳିକାଙ୍କ ସମ୍ପର୍କୀୟ ଭଉଣୀ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ପରେ ହେମନ୍ତଙ୍କୁ ଗିରଫ କରିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଭିଯୁକ୍ତ ଏବଂ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯାଇଛି।

## ଡାଲମିଆ ମହାବିଦ୍ୟାଳୟରେ ନୂତନ ଶ୍ରେଣୀଗୃହ ଉଦ୍‌ଘାଟିତ



**କୁତ୍ରା, ୧୧।୭ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଝାରବେଡ଼ାସ୍ଥିତ ଡାଲମିଆ ମହାବିଦ୍ୟାଳୟରେ ଗୁରୁବାର ଦିନ ଏକ ନୂତନ ଶ୍ରେଣୀଗୃହ ଉଦଘାଟିତ ହୋଇଛି। ରାଜଗାଙ୍ଗପୁର ବିଧାୟକ ଡା. ସିଏସ ରାଜନ ଏକ୍କା ଏହାକୁ ଉଦଘାଟନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଜିତେନ୍ଦ୍ର କୁମାର ପଟେଲ, ପୂର୍ବତନ ଅଧ୍ୟକ୍ଷ ଡ. ହିରନ ଲୁଗୁନ, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ଚିରବ୍ରତ ଦତ୍ତ, ଆଡମିନଷ୍ଟ୍ରେଟିଭ ବରସାର ଲକ୍ଷ୍ମୀ କଲ୍ୟାଣ ପାଇକରାୟଙ୍କ ସମେତ ଅତିଥି, ସମସ୍ତ ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ତଥା ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

# ବଣାଇଁ ରେଞ୍ଜରେ ଦନ୍ତାହାତୀର ଉତ୍ପାତ

## ପୁଣି ଭାଙ୍ଗିଲା ଘର, ପଲଙ୍କ ତଳେ ପଶି ବଞ୍ଚିଲେ ପରିବାର ଲୋକେ





**ବଣାଇଁ, ୧୧।୭ (ସମିସ)**

ବଣାଇଁ ରେଞ୍ଜରେ ଥମୁନାହିଁ ଦନ୍ତାହାତୀର ଉପଦ୍ରବ। ବୁଧବାର ରାତିରେ ହାତୀ ପୁଣି କେନାଡେଟା, ଛତିଆଡିପା, ବାବୁନୂଆଗାଁ ଗ୍ରାମରେ ଉତ୍ପାତ କରି ଲୋକଙ୍କ ଘର ଭାଙ୍ଗିଛି। ତେବେ ପଲଙ୍କ ତଳେ ଶୋଇ ରହି ଗୋଟିଏ ପରିବାରର ୪ ସଦସ୍ୟ ହାତୀ କବଳରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବଣାଇଁ, କୁଲିପୋଷ, ବାଙ୍କୀ ରେଞ୍ଜରେ ଏକ ସପ୍ତାହ ହେଲା ଏହି ଗୋଠଛଡ଼ା ଦନ୍ତା ଘର ଭାଙ୍ଗିବା ସହ ଫସଲ ନଷ୍ଟ କରୁଛି। ଫଳରେ ରାତିରେ ଲୋକେ ନିଜ ଜୀବନକୁ ମଧ୍ୟ ସୁରକ୍ଷିତ ମଣୁନାହାନ୍ତି। ବୁଧବାର ବଣାଇଁ ରେଞ୍ଜ ଅନ୍ତର୍ଗତ ଛତିଆଡ଼ିପା, ବାବୁନୂଆଗାଁ, ଗୁଡ଼ିଆଲି ଅଞ୍ଚଳରେ ହାତୀ ଉତ୍ପାତ କରିଛି। ଜୟନ୍ତ ମାଝି ଏବଂ ହୃଷୀ ପାତ୍ରଙ୍କ ଘର ଭାଙ୍ଗିଦେଇଛି। ତେବେ ସୌଭାଗ୍ୟବଶତଃ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ଜୟନ୍ତଙ୍କ ପରିବାରର ଲୋକେ। ହାତୀ ଘର ଭାଙ୍ଗିବା ସମୟରେ ଜୟନ୍ତ ଘର ଦୁଆର ପାଖରେ ଶୋଇଥିଲେ। ତାଙ୍କ ସ୍ତ୍ରୀ ଏବଂ ଛୋଟ ପୁଅ ଓ ଝିଅ ଘର ଭିତରେ ଶୋଇଥିଲେ। ହାତୀ ଘର ଭଙ୍ଗୁଥିବା ବେଳେ ଜୀବନ ବଞ୍ଚାଇବା ପାଇଁ ପରିବାର ଲୋକେ ପଲଙ୍କ ତଳେ ଆଶ୍ରୟ ନେଇଥିଲେ। ହାତୀ ଭଙ୍ଗାରୁଜା କରୁଥିବା ବେଳେ ଇଟା ଏବଂ ସିମେଣ୍ଟ ଖଣ୍ଡ ପଡ଼ିବାରୁ ପଲଙ୍କ ତଳେ ଥିବା ଜୟନ୍ତଙ୍କ ସ୍ତ୍ରୀ ଗୁଡ଼ିଆ ମାଝି ଚାପି ହୋଇ ରହିଥିଲେ। ପରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ସହ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଗୁରୁବାର ରାତି ସାଢ଼େ ୮ଟାରେ ବଣାଇଁ ଦେଓଗାଁରେ ହାତୀ ଏକାଦୁଶିଆ କିସାନଙ୍କ ଘର ଭାଙ୍ଗି ଚାଉଳ ଖାଇଥିବା ସୂଚନା ମିଳିଛି। ବନ ବିଭାଗ ହାତୀକୁ ଜଙ୍ଗଲ ମଧ୍ୟକୁ ଘଉଡ଼ାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସେକ୍ଟର-୮ ଶ୍ରୀ ଗୁଣ୍ଡିଚା ମନ୍ଦିରରେ ହେରାପଞ୍ଚମୀ ନୀତି



**ରାଉରକେଲା, ୧୧।୭ (ସମିସ):** ସେକ୍ଟର-୬ ଶ୍ରୀ ପତିତପାବନଜୀଉ ଭାଇ, ଭଉଣୀଙ୍କୁ ସାଙ୍ଗରେ ନେଇ ୯ ଦିନ ବ୍ୟାପୀ ମାଉସୀମା' ଘରକୁ ବିଜେ କରିଛନ୍ତି। ଅଭିମାନରେ ମା' ଲକ୍ଷ୍ମୀ ଠାକୁରାଣୀ ଗୁରୁବାର ରାତିରେ ଗୋପନରେ ବିମାନରେ ଆସି ସେକ୍ଟର-୮ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇ ପ୍ରଭୁ ଜଗମୋହନଙ୍କୁ ଦର୍ଶନ କରିଥିଲେ।

ଶ୍ରୀଜିଉଙ୍କ ପଣ୍ଡା ଭାସ୍କର ଚଇନି, ଭବାନୀ ଶଙ୍କର ପଣ୍ଡା ଓ ପ୍ରମୋଦ ପଣ୍ଡା ମା' ଲକ୍ଷ୍ମୀଙ୍କୁ ପୂଜାବିଧି ଓ ଆଳତୀ ଅର୍ପଣ କରିଥିଲେ। ପରେ ଜଗମୋହନ ବିଜେ ନୀତି ହୋଇଥିଲା। ପ୍ରଭୁ ଶ୍ରୀମନ୍ଦିର ରତ୍ନସିହାସନକୁ ଶୀଘ୍ର ଫେରିବାକୁ ବିନତି କରି ଶ୍ରୀଜୀଉଙ୍କ ଶ୍ରୀ ଅଙ୍ଗଲାଗି ଆଜ୍ଞାମାଳ ଧରି ରାଗରେ ନନ୍ଦିଘୋଷ ରଥକୁ ଭାଙ୍ଗିଦେଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ ମା' ଲକ୍ଷ୍ମୀ। ଏହି କାର୍ଯ୍ୟକ୍ରମରେ ଦେବେନ୍ଦ୍ରନାଥ ଆଚାର୍ଯ୍ୟ, ଦିଲୀପ କୁମାର ଦାସ, ଜ୍ୟୋତି ମିଶ୍ର, ଅଶୋକ ସ୍ୱାଇଁ, ରାମମୋହନ ନାୟକ, ପ୍ରଶାନ୍ତ ବାରିକ, ସୁବାସ ପାତ୍ର, ଉତ୍ତମ ସାହୁ, ସଞ୍ଜୟ ପରିଡ଼ା, ଶ୍ରୀଦାନ ମଲ୍ଲିକ, କୃଷ୍ଣ ତନ୍ତି, ପ୍ରସନ୍ନ ରଥ, ଦୈତାରୀ ମହାପାତ୍ର, ଦୟାନିଧି ଜେନା, ପ୍ରଭାସ ପଟ୍ଟନାୟକ, ରବୀନ୍ଦ୍ର ରାଉତ, ରବୀନ୍ଦ୍ର ପରିଡ଼ା, ରମାକାନ୍ତ ବେହେରା, ଶ୍ରୀଧର ଓଝା, ସନ୍ନ୍ୟାସୀ ନନ୍ଦ, ବ୍ରହ୍ମାନନ୍ଦ ଜୋତିଷ୍ଠ, ହରେକୃଷ୍ଣ ପାଢ଼ୀ, ଉମେଶ ଶରଣ, ମନୋଜ ମିରକାପ, ଦେବଦତ୍ତ ଜେନା, ମଧୁସୂଦନ ଦାସ ପଟୁଆରର ନେତୃତ୍ୱ ନେଇଥିଲେ। ମାଉସୀମା' ମନ୍ଦିରରେ ଶହଶହ ଭକ୍ତ ମା' ଲକ୍ଷ୍ମୀଙ୍କୁ ଦର୍ଶନ କରିଥିଲେ। ସେକ୍ଟର-୭ ଥାନା ଅଧିକାରୀ ବିକ୍ରମ ବିହାରୀ ଜୟପୁରିଆଙ୍କ ନେତୃତ୍ୱରେ ପୁଲିସ କର୍ମଚାରୀ ଶାନ୍ତିଶୃଙ୍ଖଳା ବଜାଇ ରଖିଥିଲେ। ବନମାଳୀ ପଲେଇ, ଚିରଞ୍ଜୀବୀ ଦୋରା, ଲକ୍ଷ୍ମୀଧର ମିଶ୍ର, ଯୋଗେନ୍ଦ୍ର ଜେନା, ଅନହଳି ନାୟକ ପ୍ରମୁଖ କୀର୍ତ୍ତନ ମଣ୍ଡଳିର ନେତୃତ୍ୱ ନେଇଥିଲେ।

### ଆନ୍ତଃ ଇସ୍ପାତ କାରଖାନା ସନ୍ତରଣ ଚାମ୍ପିଅନସିପ୍

# ଆର୍‌ଏସ୍‌ପିର ୪ ସ୍ୱର୍ଣ୍ଣ ପଦକ ଲାଭ




**ରାଉରକେଲା, ୧୧।୭ (ସମିସ):** ଆର୍‌ଏସ୍‌ପି କର୍ମଚାରୀମାନେ ଆନ୍ତଃ ଇସ୍ପାତ କାରଖାନା ସନ୍ତରଣ ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରି ୪ଟି ସ୍ୱର୍ଣ୍ଣ ପଦକ ଲାଭ କରି କାରଖାନା ପାଇଁ ଗୌରବ ଆଣି ଦେଇଛନ୍ତି। ଷ୍ଟିଲ ପ୍ଲାଣ୍ଟ ସ୍ପୋର୍ଟସ ବୋର୍ଡ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତା ଜୁଲାଇ ୯ ଓ ୧୦ ତାରିଖ ଜାମସେଦପୁରର ସନ୍ତରଣ ତାଲିମ କେନ୍ଦ୍ରର ଜେଆରଡି ଟାଟା ସ୍ପୋର୍ଟସ କମ୍ପ୍ଲେକ୍ସରେ ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣ ସମାରୋହର ମୁଖ୍ୟଅତିଥି ଭାବେ କ୍ରୀଡ଼ା ଇଭେଣ୍ଟ ଓ ପ୍ରଶିକ୍ଷଣ କେନ୍ଦ୍ର ମୁଖ୍ୟ ବିଭୂତି ଆଡେସରା ଯୋଗଦେଇ ବିଜେତାମାନଙ୍କୁ ପଦକ ପ୍ରଦାନ କରିଥିଲେ। ଏସପିଏସବିର ସଚିବ ସୌରଭ ଶୁକ୍ଲା, ପର୍ଯ୍ୟବେକ୍ଷକ ସଚ୍ଚିଦାନନ୍ଦ ସିଂ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

ରୋଲ ସପ ବିଭାଗ ଓସିଟି ପ୍ରଦୀପ କୁମାର ବାରିକ ଯଥାକ୍ରମେ ୦୦:୩୩:୨୩ ସେକେଣ୍ଡ ଏବଂ ୦୦:୧୧:୨୨ ସେକେଣ୍ଡ ସମୟ ସହ ୫୦ ମିଟର ଏବଂ ୧୦୦ ମିଟର ଫ୍ରି ଷ୍ଟାଇଲ ବର୍ଗରେ ଦୁଇଟି ସ୍ୱର୍ଣ୍ଣ ଜିତିଛନ୍ତି। ରିପେୟାର ସପ (ଇଲେକ୍ଟ୍ରିକାଲ୍)ର ଟେକ୍ନିସିଆନ ରୁଦ୍ରନାରାୟଣ ସାହୁ ଯଥାକ୍ରମେ ୦୦:୫୪:୦୬ ସେକେଣ୍ଡ ଏବଂ ୦୦:୦୧.୫୭ ସେକେଣ୍ଡ ସହ ୫୦ ମିଟର ଏବଂ ୧୦୦ ମିଟର ବ୍ୟାକ୍ ଷ୍ଟ୍ରୋକ ବର୍ଗରେ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏଥିରେ ଆରଏସପି, ଆଇଏସପି, ଜେଏସଡବ୍ଲ୍ୟୁ ଓ ଟାଟା ଷ୍ଟିଲରୁ ୩୦ ଜଣ ଅଂଶଗ୍ରହଣ କରିଥିଲେ।

## ଆର୍‌ଏସ୍‌ପିରେ ସିଣ୍ଟର ପ୍ରସ୍ତୁତି ବିଶେଷଜ୍ଞ କମିଟି ବୈଠକ



**ରାଉରକେଲା, ୧୧।୭ (ସମିସ):** ଆରଏସପିରେ ସିଣ୍ଟର ପ୍ରସ୍ତୁତି ଉପରେ ବିଶେଷଜ୍ଞ କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ସେଲର ବିଭିନ୍ନ ୟୁନିଟ୍‌ରୁ ସିଣ୍ଟର ପ୍ରସ୍ତୁତି ଏବଂ ସମ୍ବନ୍ଧିତ ଅପରେସନ୍ ସହିତ ଜଡ଼ିତ କାର୍ମିକ ଯୋଗଦେଇଥିବା ଏହି ଦିନିକିଆ କର୍ମଶାଳାକୁ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ (ଡିଆଇସି) ଅତନୁ ଭୌମିକ ଉଦଘାଟନ କରିଥିଲେ। କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍‌ଆର ସୂର୍ଯ୍ୟବଂଶୀ ଏବଂ ସିଜିଏମ୍ (ଆଇରନ୍) ବିଆର ପଲାଇ ମଞ୍ଚାସୀନ ଥିଲେ।

ଏହି ଅବସରରେ ଭୌମିକ ବର୍ତ୍ତମାନର ଦୃଶ୍ୟପଟ୍ଟ ଉପରେ ଆଲୋକପାତ କରିଥିଲେ, ଯେଉଁଠାରେ 'ବର୍ଜ୍ୟରୁ ଐଶ୍ୱର୍ଯ୍ୟ' ଅବଧାରଣା ଉପରେ ଅଧିକ ମହତ୍ତ୍ୱ ଦିଆଯାଉଛି। ସିଣ୍ଟର୍ ପ୍ରସ୍ତୁତିର ନିପୁଣତା, ଉତ୍ପାଦକତା ଏବଂ ମୂଲ୍ୟନିପୁଣତାରେ ଉନ୍ନତି ପାଇଁ ଡିଜିଟାଇଜେସନ୍ ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଅନ୍ତର୍ଭୁକ୍ତ କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେ କହିଲେ ଯେ ୨ଟି ବ୍ଲାଷ୍ଟ ଫର୍ଣ୍ଣେସରୁ ୧୨୫୦୦ ଟନ୍ ହଟ୍ ମେଟାଲ୍ ଉତ୍ପାଦନ କରିବାର ଲକ୍ଷ୍ୟ ହାସଲ କରିବାରେ ସିଣ୍ଟରିଂ ପ୍ଲାଣ୍ଟଗୁଡ଼ିକର ଭୂମିକା ମହତ୍ତ୍ୱପୂର୍ଣ୍ଣ। ବିବିଧ ଦକ୍ଷତା ପୂର୍ଣ୍ଣ ବିଶେଷଜ୍ଞ ଦଳଙ୍କୁ କାର୍ଯ୍ୟକ୍ଷମତା ବୃଦ୍ଧି ତଥା କାର୍ବନ ଫୁଟ୍ ପ୍ରିଣ୍ଟ ହ୍ରାସ କରିବା ପାଇଁ ବ୍ୟାପକ ବିଚାରବିମର୍ଶ ଏବଂ ମାନସମନ୍ଥନ କରିବା ପାଇଁ ଅନୁପ୍ରେରିତ କରିଥିଲେ।

ସୂର୍ଯ୍ୟବଂଶୀ ତାଙ୍କ ବକ୍ତବ୍ୟରେ ଅଂଶଗ୍ରହଣକାରୀଙ୍କୁ ଏହି ଅନନ୍ୟ ବୈଷୟିକ ମଞ୍ଚକୁ ଜଟିଳ ସିଣ୍ଟରିଂ ପ୍ରସ୍ତୁତି ପ୍ରକ୍ରିୟା ସହ ଜଡ଼ିତ ଧାରଣା, ବିଚାରବିମର୍ଶ, ଆଦାନପ୍ରଦାନ ଏବଂ ଅନୁସନ୍ଧାନ ପାଇଁ ସର୍ବୋତ୍ତମ ରୂପେ ଉପଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଭିଲାଇ ଇସ୍ପାତ କାରଖାନା, ବୋକାରୋ ଇସ୍ପାତ କାରଖାନା, ଦୁର୍ଗାପୁର ଇସ୍ପାତ କାରଖାନା, ଇସ୍କୋ ଇସ୍ପାତ କାରଖାନା, ରାଉରକେଲା ଇସ୍ପାତ କାରଖାନା, ଆରଡିସିଆଇଏସ୍ ଏବଂ ସିଇଟିର ବିଶେଷଜ୍ଞ ଦଳ ନିଜ ୟୁନିଟ୍‌ଗୁଡ଼ିକରେ ସିଣ୍ଟର ତିଆରି ପ୍ରକ୍ରିୟାରେ ବ୍ୟବହୃତ ସର୍ବୋତ୍ତମ ଅଭ୍ୟାସ ଉପରେ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ଶେଷରେ ଏକ ସିଣ୍ଡିକେଟ୍ ଆଲୋଚନା କରାଯାଇଥିଲା। ଏଥିରେ ଏସ୍‌ଆର ସୂର୍ଯ୍ୟବଂଶୀ ଅଧ୍ୟକ୍ଷତା କରି ଅଧିକ ଉନ୍ନତି ସାଧନ ପାଇଁ ଉପସ୍ଥାପିତ କାର୍ଯ୍ୟ ଯୋଜନାର ଅନୁଶୀଳନ କରିଥିଲେ। ବିଆର ପଲାଇ ସମାବେଶକୁ ସ୍ୱାଗତ କରିଥିଲେ। ଏସପି-୩ ବିଭାଗ ସହକାରୀ ପରିଚାଳକ ଶାନୁ ସିହ୍ନା, ଏବଂ ଏସପି-୨ ବିଭାଗ ମ୍ୟାନେଜର ସନ୍ଦୀପ ଅୱସ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଜିଲ୍ଲାରେ ସହ ଯୋଗ ଶିକ୍ଷକ ପ୍ରଶିକ୍ଷଣ ଶୁଭାରମ୍ଭ



**ରାଉଲକେଲା, ୧୧।୭ (ସମିସ):** ପତଞ୍ଜଳି ହରିଦ୍ୱାର ଯୋଗପୀଠ ନିର୍ଦ୍ଦେଶ କ୍ରମେ ଗୁରୁବାର ଓଡ଼ିଶାର ସମସ୍ତ ଜିଲ୍ଲାରେ ସହ ଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲ୍ଲାରେ ସୁନ୍ଦରଗଡ଼ ଜିଲ୍ଲା ପତାଞ୍ଜଳି ଯୋଗ ପରିବାର ଆନୁକୂଲ୍ୟରେ ରାଉଲକେଲା ଷ୍ଟିଲ ଟାଉନସିପ ସେକ୍ଟର-୧୯ ଶାରଳା ମନ୍ଦିର ପରିସରରେ ସହ ଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ସହ ରାଜ୍ୟ ପ୍ରଭାରୀ ଅକ୍ରୁର ମାର୍ଥ ଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ମାର୍ଥା ତାଙ୍କ ପ୍ରାରମ୍ଭିକ ମାର୍ଗଦର୍ଶନରେ ଯୋଗ, ପଞ୍ଚଯଜ୍ଞ, ଧ୍ୟାନ, ସ୍ୱାଧ୍ୟାୟ ନିରୋଗ ଜୀବନର ଉତ୍ତମ ମାର୍ଗ ବୋଲି କହିଥିଲେ। ଶାରୀରିକ ସୁସ୍ଥତା, ମାନସିକ ସ୍ଥିରତା, ଆତ୍ମାର ଉନ୍ନତି ଯୋଗ ସାଧନା ଦ୍ୱାରା ସମ୍ଭବ ହୋଇଥାଏ। ଏଣୁ ଯୋଗ ସୁସ୍ଥ ଓ ନିରୋଗ ଜୀବନ ପାଇଁ ଆବଶ୍ୟକ ବୋଲି ସେ କହିଥିଲେ।

ଜିଲ୍ଲା ମହିଳା ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନିତମ୍ବିନୀ ସ୍ୱାଇଁ, ଜିଲ୍ଲା ବିଏସଟି ପ୍ରଭାରୀ ନରେନ୍ଦ୍ର କୁମାର ବେହେରା, ଜିଲ୍ଲା ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ ଓ ଜିଲ୍ଲା ମହିଳା ସୋସିଆଲ ମିଡିଆ ପ୍ରଭାରୀ ଆରତୀ କରଙ୍କ ଉପସ୍ଥିତିରେ ପ୍ରଶିକ୍ଷଣ ଆରମ୍ଭ ହୋଇଥିଲା। ଜିଲ୍ଲା ମହିଳା ସଂଗଠନ ମନ୍ତ୍ରୀ ସନ୍ଧ୍ୟାରାଣୀ ସାହୁ, ଜିଲ୍ଲା ମହିଳା କୋଷାଧ୍ୟକ୍ଷ ବିଷ୍ଣୁପ୍ରିୟା ଦାଶ, ଜିଲ୍ଲା ସମ୍ବାଦ ପ୍ରଭାରୀ କୌଶଲ୍ୟା ପୃଷ୍ଟି ଓ ଏହି କେନ୍ଦ୍ରର ମୁଖ୍ୟ ଯୋଗ ଶିକ୍ଷୟିତ୍ରୀ କୁନ୍ତଳା ସ ସହଯୋଗ କରିଥିଲେ। ଏହି ପ୍ରଶିକ୍ଷଣ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଭୟ ଥିଓରୀ ଓ ପ୍ରାକ୍ଟିକାଲ ଜ୍ଞାନ ପ୍ରଦାନ କରାଯାଉଛି। ପ୍ରାୟ ୫୦ ଜଣ ଭାଇ ଓ ଭଉଣୀ ପଞ୍ଜୀକରଣ କରି ଏଥିରେ ଅଂଶଗ୍ରହଣ କରିଛନ୍ତି।

## ବଣାଇଁ ବନଖଣ୍ଡ ପକ୍ଷରୁ ଚାରା ବଣ୍ଟନ କେନ୍ଦ୍ର ଉଦ୍‌ଘାଟିତ



**ବଣାଇଁ, ୧୧।୭ (ସମିସ):** ବଣାଇଁକୁ ସବୁଜ ସୁନ୍ଦର ଗଢ଼ି ତୋଳିବା ଲକ୍ଷ୍ୟ ନେଇ ବଣାଇଁ ବନବିଭାଗ ପକ୍ଷରୁ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମାଗଣା ଅସ୍ଥାୟୀ ଚାରା ବଣ୍ଟନ କେନ୍ଦ୍ର ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ଯୋଗଦେଇ ସହରବାସୀଙ୍କୁ ଉନ୍ନତ ମାନର ଆମ୍ବ, ଲିଚୁ, ଲେମ୍ବୁ, ଆଦି ବିଭିନ୍ନ ପ୍ରକାରର ଚାରା ବଣ୍ଟନ କରିଥିଲେ।

ପ୍ରତ୍ୟେକ ବ୍ୟକ୍ତି ଅନ୍ତତଃ ଗୋଟିଏ ଲେଖାଏଁ ଫଳ ଚାରା ଲଗାଇବା ସହ ତା'ର ଯତ୍ନ ନେଲେ ସୁସ୍ଥ ଓ ସବୁଜ ପରିବେଶ ସୃଷ୍ଟି ହେବ ଓ ଆଗାମୀ ପିଢ଼ି ଲାଭବାନ ହୋଇପାରିବେ ବୋଲି ବନଖଣ୍ଡ ଅଧିକାରୀ କହିଥିଲେ। ଉନ୍ନତମାନର ଚାରାରୋପଣ କଲେ ପରବର୍ତ୍ତୀ ସମୟରେ ଏହା ଚାଷୀଙ୍କ ଜୀବନ ଜୀବିକାରେ ଉନ୍ନତି ଆଣିବାରେ ସହାୟକ ହୋଇପାରିବ। ସମସ୍ତଙ୍କ ସହଯୋଗରେ ଜଙ୍ଗଲ ବୃଦ୍ଧି ଘଟିବା ସହ ପରିବେଶର ସୁରକ୍ଷା ଓ ହାତୀ-ମଣିଷ ଲଢ଼େଇର ଅବସାନ ଘଟିବ ବୋଲି ମୁଖ୍ୟଅତିଥି କହିଥିଲେ। ଚଳିତ ବର୍ଷ ବନଖଣ୍ଡ ପକ୍ଷରୁ ୧୯ ଲକ୍ଷ ୨୩ ହଜାର ୮୪୫ ଚାରା ବଣ୍ଟନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଲୋକେ ନିଜ ପରିଚୟପତ୍ର ଦେଇ ମାତ୍ର ୧ ଟଙ୍କାରେ ଏଠାରୁ ଚାରା ନେଇପାରିବେ ବୋଲି କୁହାଯାଇଛି। ସହରବାସୀ ଆଗ୍ରହ ସହକାରେ ଆସି ବିଭିନ୍ନ ପ୍ରକାରର ଫଳ ଚାରା ନେଉଥିବା ଦେଖାଯାଇଥିଲା। ବଣାଇଁ ସହକାରୀ ବନ ସଂରକ୍ଷକ ଶୁଶାନ୍ତ କୁମାର ଜେନା ଓ ଜଗନ୍ନାଥ ବିଷୋୟୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବଣାଇଁ ବନପାଳ ଜ୍ଞାନରଞ୍ଜନ ମହାନ୍ତି, ବନରକ୍ଷୀ ଉତ୍କଳ ରାଉତ ସହଯୋଗ କରିଥିଲେ।

### ବିଧାୟକଙ୍କୁ ବୀରମିତ୍ରପୁର ମିଶନ ଶକ୍ତି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା

# 'ବୀରମିତ୍ରପୁରବାସୀଙ୍କ ସ୍ୱପ୍ନ କେବେ ବ୍ୟର୍ଥ ହେବନି'

**ରାଉରକେଲା, ୧୧।୭ (ସମିସ)**



ମୋତେ ଆପଣଙ୍କ ମୂଲ୍ୟବାନ ଭୋଟ ଦେଇ ବିଜୟୀ କରିଥିବାରୁ ବୀରମିତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ଭୋଟରଙ୍କ ପାଖରେ ମୁଁ ଚିର କୃତଜ୍ଞ। ବୀରମିତ୍ରପୁରବାସୀଙ୍କ ସ୍ୱପ୍ନ କେବେ ବି ବ୍ୟର୍ଥ ହେବନାହିଁ ବୋଲି ନବନିର୍ବାଚିତ ବୀରମିତ୍ରପୁର ବିଧାୟକ ରୋହିତ ଯୋଶେଫ ତିର୍କୀଙ୍କୁ ବୀରମିତ୍ରପୁର ମିଶନ ଶକ୍ତି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ ଅବସରରେ ବିଧାୟକ ତିର୍କୀ କହିଛନ୍ତି।

ସମ୍ବର୍ଦ୍ଧନା ଉତ୍ସବରେ ବିଧାୟକ ତିର୍କୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରାଯାଇଥିଲା। ପୂର୍ବତନ ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଲେ, ବୀରମିତ୍ରପୁରରେ ପୂର୍ବରୁ ସେ ବିଧାୟକ ଥିବାରୁ ସ୍ଥାନୀୟ ସମସ୍ତ ସମସ୍ୟା ବିଷୟରେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ବୀରମିତ୍ରପୁର ଅଞ୍ଚଳର ଭିତ୍ତିଭୂମିଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ ସର୍ବୋପରି ଗରିବ ଖଟିଖିଆ ବର୍ଗର ଲୋକଙ୍କ ବିକାଶ କିପରି ହୋଇପାରିବ ସେଥିପାଇଁ ସେ ତାଙ୍କ ପୁଅ ରୋହିତଙ୍କୁ ପ୍ରତି କ୍ଷେତ୍ରରେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ପ୍ରାରମ୍ଭରେ ପାରମ୍ପରିକ ଆଦିବାସୀ ନୃତ୍ୟଗୀତର ତାଳେ ତାଳେ ବିଧାୟକଙ୍କୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ବୀରମିତ୍ରପୁର ମ୍ୟୁନିସିପାଲିଟି ଉପାଧ୍ୟକ୍ଷା ନିବେଦିତା ବାଗେ, ପୂର୍ବତନ ନଗରପାଳ ଶଶି ସାଗର, ବିଜେଡି ନଗର ସଭାପତି କୁନା ଦେଓ, କାଉନସିଲର କମଲେଶ ସିଂ, ନିର୍ମଳା କୁଜୁର, ଜ୍ୟୋତି କେରକେଟା, ମିଶନ ଶକ୍ତିର ରଶ୍ମିତା ସାହୁ, ୧୧ ୱାର୍ଡର ସଦସ୍ୟା, ବରିଷ୍ଠ ନେତା ଆବୁଲ ଖଇର, ସାଜିଦ ଆଲମ, ଚରଣ କେରକେଟା, ରୋହିତ ଦୀପ, ଅଶୋକ ନାୟକ, ଯୁବନେତା ଅକ୍ଷୟ ବୀରଘଣ୍ଟିଆ, ଜାନୁ ଆଲମ, ଦୀନେଶ ସାହୁଙ୍କ ସମେତ ଅଞ୍ଚଳର ମିଶନ ଶକ୍ତି ମାଆ ଓ ଶହ ଶହ ସଂଖ୍ୟାରେ ଜନସାଧାରଣ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

### ଆର୍‌ଜିଏଚ୍‌ରେ ମହାଦୁର୍ନୀତି ମାମଲା

# ଜେରା ବେଳେ ଅଭିଯୁକ୍ତଙ୍କ ପାଟି ଖନିମାରିଲା !

ରାଉରକେଲା, ୧୧।୭ (ସମିସ)

ଆରଜିଏଚରେ ମହାଦୁର୍ନୀତିର ତଦନ୍ତ କରୁଛି ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚ୍‌ଏମ୍)ର ୩ଜଣିଆ ଟିମ୍। ବୁଧବାର ଅପରାହ୍ଣରେ ଏହି ଟିମ୍ ତଦନ୍ତ ଆରମ୍ଭ କରି ଆର୍ଥିକ ଦେଣନେଣର ସମସ୍ତ ରସିଦ ଯାଞ୍ଚ କରିଥିବା ବେଳେ ଗୁରୁବାର ଏହି ଦୁର୍ନୀତି ନେଇ ଅଭିଯୋଗ ଆସିଥିବା ହସ୍ପିଟାଲ ମ୍ୟାନେଜର ମୋହିତ କୁମାର ଶ୍ରୀବାସ୍ତବଙ୍କୁ ୨ ଘଣ୍ଟା ଜେରା କରିଥିଲେ। ତେବେ ତଦନ୍ତ କମିଟିର ଜେରା ବେଳେ ମୋହିତଙ୍କ ପାଟି ଖନି ମାରିଯାଇଥିବା ସୂଚନା ମିଳିଛି।

ଏନ୍‌ଏଚ୍‌ଏମ୍‌ର ସିନିୟର କନ୍‌ସଲଟାଣ୍ଟ (ପି ଆଣ୍ଡ ଆଇଏମ୍) ପ୍ରିୟଦର୍ଶୀ ଦାଶ, ରାଜ୍ୟ ଅର୍ଥ ମହାପ୍ରବନ୍ଧକ ମନୟ କୁମାର ପାଣିଗ୍ରାହୀ ଓ ଏନ୍‌ଏଚ୍‌ଏମର କନ୍‌ସଲଟାଣ୍ଟ (ଏଚ୍‌ଆର) ଅଜିତ କୁମାର ବିଶ୍ୱାଳ ବୁଧବାରଠାରୁ ରାଉରକେଲା ଆସି ଆର୍‌ଜିଏଚ୍‌ରେ ହୋଇଥିବା କୋଟି କୋଟି ଟଙ୍କାର ଦୁର୍ନିତି ଅଭିଯୋଗର ତଦନ୍ତ ଆରମ୍ଭ କରିଛନ୍ତି। ଏହି ମହାଦୁର୍ନିତିର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ହସ୍ପିଟାଲ ମ୍ୟାନେଜର ମୋହିତ କୁମାର ଶ୍ରୀବାସ୍ତବଙ୍କୁ ଗୁରୁବାର ଜେରା କରାଯାଇଛି। ତେବେ ତଦନ୍ତକାରୀ ଟିମ୍ ସଦସ୍ୟଙ୍କ ପ୍ରଶ୍ନର ଉତ୍ତରରେ ମୋହିତ ହଁ, ନା କହି ଶେଷରେ ଦୁର୍ନୀତିରେ ତାଙ୍କ ସମ୍ପୃକ୍ତି ସ୍ୱୀକାର କରିଥିବା କୁହାଯାଉଛି। ଅନ୍ୟପଟେ ଏହି ଦୁର୍ନୀତିରେ

**● ଉତ୍ତରଦାୟୀ ହେବେ କି ବଡ଼ବଡ଼ିଆ?**

କେବଳ ହସ୍ପିଟାଲ ମ୍ୟାନେଜର ସମ୍ପୃକ୍ତ ନା ତାଙ୍କ ସହ ଅନ୍ୟ କେଉଁମାନେ ଅଛନ୍ତି, ତା'ର ମଧ୍ୟ ତଦନ୍ତ କରାଯାଇଛି। ବିଶେଷ କରି ଆର୍‌ଜିଏଚରେ ରୋଗୀଙ୍କ ବେଡ୍‌ସିଟ୍ ସଫେଇ କାମ କରୁଥିବା ମେସର୍ସ ମେଡିଆନ୍ ମେଡିକାଲ ଆନସିଲାରୀ ସର୍ଭିସେସ୍ ପକ୍ଷରୁ ହସ୍ପିଟାଲ ମ୍ୟାନେଜରଙ୍କୁ ଦିଆଯାଇଥିବା ବିଲ୍ ଓ ଅନ୍ୟ କାଗଜପତ୍ର ଯାଞ୍ଚ କରିଥିଲେ ଟିମ୍ ସଦସ୍ୟ। ଗତ ତିନିବର୍ଷ ମଧ୍ୟରେ ବେଡ୍‌ସିଟ୍ ସଫେଇ ଠିକାସଂସ୍ଥା, ହସ୍ପିଟାଲ ମ୍ୟାନେଜର ଓ ତାଙ୍କ ପ୍ରଚ୍ଛଦପଟରେ ଥିବା ବ୍ୟକ୍ତିଙ୍କ ଦ୍ୱାରା ପ୍ରାୟ ୨ କୋଟି ଟଙ୍କା ଆତ୍ମସାତ କାରାଯାଇଥିବା ଅଭିଯୋଗ ହୋଇଛି। ରୋଗୀଙ୍କ ବେଡ୍‌ସିଟର ସଂଖ୍ୟା ସହ ଓଜନ ବଢ଼ାଇ ମାସକୁ ପ୍ରାୟ ୫ ଲକ୍ଷ ଟଙ୍କା ଅଧିକ ବିଲ୍ କରୁଥିବା ଅଭିଯୋଗ ହୋଇଛି। ଏତିକି ନୁହେଁ, ମର୍ଗ ହାଉସ୍‌ର ୨ଟି ଫ୍ରିଜ ଚାମ୍ବର ଚୋରି ନେଇ ମଧ୍ୟ ଅଭିଯୋଗ ହୋଇଛି। ଏ ସମସ୍ତ ଘଟଣାର ତଦନ୍ତ କରୁଛି ଏନ୍‌ଏଚ୍‌ଏମ୍ ତଦନ୍ତକାରୀ ଟମ୍। ସାକ୍ଷୀମାନଙ୍କୁ ପଚରାଉଚରା କରାଯାଇଛି। ଏହି ତଦନ୍ତ ରିପୋର୍ଟକୁ ଟିମ୍ ରାଜ୍ୟ ଏନଏଚଏମ ନିର୍ଦ୍ଦେଶିକାଙ୍କୁ ପ୍ରଦାନ କରିବ। ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ହସ୍ପିଟାଲ ମ୍ୟାନେଜରଙ୍କ ଦ୍ୱାରା ହୋଇଥିବା ଏହି ମହାଦୁର୍ନୀତିରେ ତତ୍କାଳୀନ ହସ୍ପିଟାଲ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଏନଏଚଏମ ଜିଲ୍ଲା ଅଧକ୍ଷ ଦାୟିତ୍ୱରେ ଥିବା ସୁନ୍ଦରଗଡ଼ ଜିଲ୍ଲାପାଳ ତଥା ଏ ସମସ୍ତ ଦୁର୍ନୀତି ନେଇ ହୋଇଥିବା ଅଭିଯୋଗକୁ ଅଣଦେଖା କରିଥିବା ଭୁବନେଶ୍ୱର ଏନଏଚଏମ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ଉତ୍ତରଦାୟୀ କରାଯିବ କି ନାହିଁ ସେ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ସାରନଗରୀ ଶ୍ରୀଗୁଣ୍ଡିଚା ମନ୍ଦିରରେ ହେରାପଞ୍ଚମୀ

**ରାଉରକେଲା, ୧୧।୭ (ସମିସ):** ଗୁରୁବାର ସଂଧ୍ୟାରେ ସାରନଗରୀ ଇ ବ୍ଲକ ସ୍ଥିତ ଶ୍ରୀ ଗୁଣ୍ଡିଚା ମନ୍ଦିରରେ ହେରାପଞ୍ଚମୀ ପାଳିତ ହୋଇଯାଇଛି ପବିତ୍ର ହେରା ପଞ୍ଚମୀର ଏହି ଅପୂର୍ବ ଦୃଶ୍ୟକୁ ଶତାଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ଉପଭୋଗ କରିଥିଲେ।

ସୂଚନାଯୋଗ୍ୟ ଯେ ଗତ ୭ ତାରିଖ ଦିନ ପବିତ୍ର ଘୋଷଯାତ୍ରାରେ ସାରନଗରୀ ଶ୍ରୀ ଜଗନ୍ନାଥ ମନ୍ଦିର ରତ୍ନବେଦୀ ଛାଡି ପ୍ରଭୁ ଶ୍ରୀ ଜଗନ୍ନାଥ ବଡ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ସାଙ୍ଗରେ ନେଇ ସାରନଗରୀ ଇ ବ୍ଲକ ସ୍ଥିତ ମାଉସୀ ଘର ଜନ୍ମବେଦୀକୁ ବିଜେ କରିଥିଲେ। ସେଠାରେ ଭାଇ ଭଉଣୀ ସହ ପ୍ରଭୁ ୯ ଦିନ ବ୍ୟାପୀ ରହିବେ। ସେପଟେ ପ୍ରଭୁ ମାଆ ଲକ୍ଷ୍ମୀଙ୍କୁ ସାଙ୍ଗରେ ନ ଆଣି ଭାଇ ଭଉଣୀ ସହ ମାଉସୀ ଘର ବୁଲି ଆସିଥିବାରୁ ମାଆ ଲକ୍ଷ୍ମୀ ପ୍ରଭୁଙ୍କ ଉପରେ ରୁଷ୍ଟ ହୋଇ ଯାଇଥିଲେ।





ଅଭିମାନରେ ମା ଲକ୍ଷ୍ମୀ ଠାକୁରାଣୀ ଆଜି ରାତ୍ରିରେ ଗୋପନରେ ବିମାନରେ ବସି ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇ ପ୍ରଭୁ ଜଗମୋହନଙ୍କୁ ଦର୍ଶନ କରିଥିଲେ। ପୂଜକମାନେ ମା ଲକ୍ଷ୍ମୀଙ୍କୁ ପୂଜାବିଧି ଓ ଆଳତୀ ଅର୍ପଣ କରିଥିଲେ। ଏହାପରେ ଜଗମୋହନ ବିଜେନିତୀ ହୋଇଥିଲା। ପ୍ରଭୁ ଶ୍ରୀ ମନ୍ଦିରର ରତ୍ନ ସିଂହାସନକୁ ଶୀଘ୍ର ଫେରିବାକୁ ବିନତି କରି ଶ୍ରୀ ଜୀଉଙ୍କ ଶ୍ରୀ ଅଙ୍ଗଲାଗି ଆଜ୍ଞାମାଳ ଧରି ରାଗରେ ନନ୍ଦିଘୋଷ ରଥକୁ ଭାଙ୍ଗିଦେଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଗୁଣ୍ଡିଚା ମନ୍ଦିରରେ ଶହ ଶହ ଭକ୍ତ ଉପସ୍ଥିତ ରହି ମା ଲକ୍ଷ୍ମୀଙ୍କୁ ଦର୍ଶନ କରିଥିଲେ। ଟାଙ୍ଗରପାଲ୍ଲୀ ଥାନା ଅଧିକାରୀ ରାମେଶ୍ୱର ସିଂହଙ୍କ ନେତୃତ୍ୱରେ ପୁଲିସ କର୍ମଚାରୀ ଉପସ୍ଥିତ ରହି ମା ଲକ୍ଷ୍ମୀଙ୍କ ହେରାପଞ୍ଚମୀ ଉତ୍ସବରେ ଶାନ୍ତିଶୃଙ୍ଖଳା ବଜାଇ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ଭକ୍ତ ଉପସ୍ଥିତ ରହି ହେରାପଞ୍ଚମୀ ନୀତି କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ।



ବାସନ୍ତୀ କଲୋନୀରେ ହେରାପଞ୍ଚମୀ ନୀତି

# ପ୍ରଗତି ଉତ୍କଳ ସଂଘରେ ବର୍ଷା କବିତା ଆସର 'ମେଘମହ୍ଲାର'

**ରାଉରକେଲା, ୧୧।୭ (ସମିସ):** ସହରର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ପ୍ରଗତି ଉତ୍କଳ ସଂଘ ପକ୍ଷରୁ ବର୍ଷାକାଳୀନ କବିତା ଆସର ମେଘମହ୍ଲାର ସଂଘ ପରିସରରେ ଅନୁଷ୍ଠିତ ହୋଇଛି। ସଂଘ ଉପସଭାପତି ରଶ୍ମିରଞ୍ଜନ ବୋଇତାଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହରର ବହୁ କବି ଯୋଗଦେଇ ସ୍ୱରଚିତ ବର୍ଷାଭିତ୍ତିକ କବିତା ପାଠ କରିଥିଲେ। ସଭାପତିତ୍ୱ ଅଭିଭାଷଣରେ ବୋଇତାଇ ବର୍ଷା କିପରି ଜନଜୀବନକୁ ଆଚ୍ଛାଦିତ କରି ରଖିଛି ସେ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଅନୁଷ୍ଠାନର ସାହିତ୍ୟ ପ୍ରତି ପ୍ରତିବଦ୍ଧତା ଉପରେ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦକ ଘନଶ୍ୟାମ ଧଳ ମେଘମହ୍ଲାର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସାଂସ୍କୃତିକ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ସେହିପରି କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ବରିଷ୍ଠ କବି ବିଜୟଲକ୍ଷ୍ମୀ ପଟ୍ଟନାୟକ ସଭାପତିତ୍ୱ କରି ବର୍ଷା ପ୍ରକୃତି, ଚାଷୀଭାଇଠାରୁ ଜୀବଜଗତ ପର୍ଯ୍ୟନ୍ତ କିପରି ଅନନ୍ୟ ଉପହାର ତଥା କବିଙ୍କ କଲମ ପାଇଁ ପ୍ରେରଣାର ଉତ୍ସ ସେ ସମ୍ପର୍କରେ ଆଲୋଚନା କରିଥିଲେ। କବି ସୁପ୍ତି କର ଓ ସ୍ମିତା ମିଶ୍ରଙ୍କ ସଂଯୋଜନାରେ ଅଭିରାମ ପ୍ରଧାନ, କୁଞ୍ଜବିହାରୀ ରାଉତ, ସସ୍ମିତା ପ୍ରଧାନ, ପ୍ରତାପ ପଣ୍ଡା, ମୀନକେତନ ପଶାୟତ, ଉପେନ୍ଦ୍ର ବସ୍ତିଆ, ବିଜୟିନୀ ଜେନା, ଅର୍ଚ୍ଚନା ପାତ୍ର, କିଶୋରୀ ମୋହନ କର, ସଞ୍ଜୀବ କୁମାର ଭୋଇ, ସତ୍ୟସୁନ୍ଦର ଦାଶ, ସୁନୀଲ ମହାନ୍ତି, ବ୍ରହ୍ମାନନ୍ଦ ପାଢ଼ୀ, ତ୍ରିଲୋଚନ ସ୍ୱାଇଁ, ସୁଚିସ୍ମିତା ପଣ୍ଡା, କାଶିନାଥ ନନ୍ଦୀ, ଚାରୁଲତା ପ୍ରଧାନ, ପୁଷ୍ପାରାଣୀ ପଟେଲ, ଗୀତାରାଣୀ ବେହେରା, ସ୍ମିତା ମିଶ୍ର, ସୁପ୍ତି କର, ଅଶୋକ ପଟ୍ଟନାୟକ ଓ ବିଜୟଲକ୍ଷ୍ମୀ ପଟ୍ଟନାୟକ ପ୍ରମୁଖ କବିତା ପାଠ କରିଥିଲେ। ପ୍ରାରମ୍ଭରେ ଗାଳ୍ପିକା କନକଲତା ମିଶ୍ର ଅସ୍ତରାଗ ଶୀର୍ଷକ ଗଳ୍ପ ପାଠ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ଲକ୍ଷ୍ମଣନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ରାଧାମୋହନ ନାୟକ, ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ, ଅରବିନ୍ଦ ପାତ୍ର, ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ, ସୁବାସ ଲେଙ୍କା, ଡ. ଶକ୍ତିପ୍ରସାଦ ସାମନ୍ତରାୟ, ପ୍ରବୀର କୁମାର ଦୁବେ, ଇନ୍ଦ୍ରମଣି ମହାପାତ୍ର, ଧରଣୀଧର ସାମଲ, ଅକ୍ଷୟ ସାମଲ, ହରିହର ଶତପଥୀ, ଦିବାକର ଦାସ, ସୁନୀଲ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ଜେନା, ପରୀକ୍ଷିତ ଗୁରୁ, ଅନିଲ କୁମାର ମଲ୍ଲିକ, ସୁକାନ୍ତ ମହାପାତ୍ର, ବବିତା ମହାଳିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଯୁବତୀଙ୍କ ଅସ୍ୱାଭାବିକ ମୃତ୍ୟୁ

**ସୁନ୍ଦରଗଡ଼, ୧୧।୭ (ସମିସ):** ବଡ଼ଗାଁ ଥାନା ଅନ୍ତର୍ଗତ ଖରିକାମୁଣ୍ଡା ଗ୍ରାମର ଜଣେ ଯୁବତୀଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମର ଯୁଧିଷ୍ଠିର ମାଝୀଙ୍କ ଝିଅ ପଦ୍ମିନୀ ମାଝୀ (୨୦) ଗୁରୁବାର ମୁଣ୍ଡ ବୁଲାଉଥିବା କହି ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗ ପାଇ ପୁଲିସ ଡାକ୍ତରଖାନାରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଚୋରା ସ୍କ୍ରାପ୍ ବୋଝେଇ ବାଇକ ଜବତ

**ସୁନ୍ଦରଗଡ଼, ୧୧।୭ (ସମିସ):** ଭଷ୍ମା ଥାନା ଦର୍ଲିପାଲି ସୁପର ଥର୍ମାଲ ପାୱାର ପ୍ଲାଣ୍ଟର ସୁରକ୍ଷା କର୍ମୀମାନେ ଚୋରା ସ୍କ୍ରାପ ବୋଝେଇ ବାଇକକୁ ଧରିବାରେ ସଫଳ ହୋଇଛନ୍ତି। ତେବେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। କାରଖାନା ସୁରକ୍ଷା ପାଇଁ ନିୟୋଜିତ ସିଆଇଏସଏଫ୍ ଅଧିକାରୀ ପାଟ୍ରୋଲିଂ କରୁଥିବା ବେଳେ କେତେକ ବ୍ୟକ୍ତି କାରଖାନା ପରିସରରୁ ବାଡ଼ ଦେଇ ସ୍କ୍ରାପ ବାହାର କରୁଥିବା ଦେଖିଥିଲେ। ସୁରକ୍ଷା କର୍ମୀମାନେ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଅଭିଯୁକ୍ତମାନେ ବାଇକ ସହ ଫେରାର ହେବାକୁ ଉଦ୍ୟମ କରିଥିଲେ। ମାତ୍ର ଗାଡି ଷ୍ଟାର୍ଟ ନ ହେବାରୁ ସେମାନେ ଏହାକୁ ଛାଡ଼ି ଜଙ୍ଗଲ ଭିତରକୁ ଦୌଡ଼ି ପଳାଇଥିଲେ। ସିଆଇଏସଏଫ୍ ସୁରକ୍ଷା କର୍ମୀ ରାଜେନ୍ଦ୍ର କୁମାରଙ୍କ ଏତଲା କ୍ରମେ ଏ ନେଇ ପୁଲିସ ମାମଲା ରୁଜୁ କରି ଉକ୍ତ ସ୍କ୍ରାପ ବୋଝେଇ ଗାଡ଼ି ଜବତ କରିଛି। ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ଉଦ୍ୟମ ଚାଲିଛି।

**● ଅଭିଯୁକ୍ତ ଫେରାର**

# ନୂଆଗାଁରେ ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

**କୋମନା, ୧୧।୭ (ସମିସ):** ସରକାର ଗାଁକୁ ସ୍ୱଚ୍ଛ, ସୁନ୍ଦର, ପରିମଳ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ବିଭାଗୀୟ ଅଧିକାରୀଙ୍କ ଅପାରଗତା ଗୁଣ ପାଇଁ ବାସ୍ତବ ଚିତ୍ର କିନ୍ତୁ ପୁରା ଅଲଗା। ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ନୂଆଗାଁ ହେଉଛି ଏହାର ଏକ ଉଦାହରଣ। ଏହା ପଂଚାୟତ ମୁଖ୍ୟାଳୟ ହୋଇଥିଲେ ବି ଅବ୍ୟବସ୍ଥା ପିଛା ଛାଡୁନି। ଡ୍ରେନେଜ ବ୍ୟବସ୍ଥା ପାଇଁ ବର୍ଷସାରା ନାଳ ପାଣି ରାସ୍ତାରେ ଭାସୁଛି। ଦୁର୍ଗନ୍ଧ ହେବା ସହ କଦର୍ଯ୍ୟ ପରିବେଶ ସୃଷ୍ଟି ହୋଇଛି। ମଶା ମାଛିଙ୍କ ବଂଶ ବୃଦ୍ଧି ହେବା ସହ ଏମାନଙ୍କ ପ୍ରଭାବରେ ଲୋକେ ରୋଗାଗ୍ରସ୍ତ ହେଉଛନ୍ତି। ଏଭଳି ଅବ୍ୟବସ୍ଥା ଦୀର୍ଘ ବର୍ଷ ହେଲା ଲାଗି ରହିଛି। ଗତ ବର୍ଷ ଜଳଯୋଗାଣ ପାଇଁ ନୂତନ ପାଇପ୍ ପୋତିବା ପାଇଁ ସଂପୃକ୍ତ ଠିକାଦାର ଡ୍ରେନକୁ ଭାଙ୍ଗିଦେଇଥିଲେ। ଯାହା ଫଳରେ ଡ୍ରେନ ପାଣି ଓ ଜଳଯୋଗାଣ ପାଣି ରାସ୍ତାରେ ଭାସୁଛି। ନୂଆଗାଁ ତିନି ଛକ ଯାହା କୋମନା-କାଣ୍ଟେତରା-ଗଣ୍ଡାମେର ଛକକୁ ସଂଯୋଗ କରୁଛି। ଏହା ଏବେ ବିପଦ ପଥ ପାଲଟିଛି। ବର୍ଷ ତମାମ କାଦୁଅ ପଚପଚ କରୁଛି। ବାରମ୍ବାର ଦୁର୍ଘଟଣା ଘଟିବା ସହ ଧନ ଜୀବନ ନଷ୍ଟ ହେଉଛି। ଗ୍ରାମର ପରିମଳ ବ୍ୟବସ୍ଥାକୁ ସୁପରିଚାଳନା ପାଇଁ ପଂଚାୟତକୁ ଦାୟିତ୍ୱ ଦିଆଯାଇଥିଲେ ବି ସଂପୃକ୍ତ ଅଧିକାରୀ ଦେଖି ନ ଦେଖିଲା ପରି ହେଉଛନ୍ତି। ଏଭଳି ଅବ୍ୟବସ୍ଥାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଆଗକୁ ବର୍ଷାଦିନ ଆସୁଥିବାରୁ ଯଥାଶିଘ୍ର ଡ୍ରେନେଜ ବ୍ୟବସ୍ଥା ସୁଧାରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

**● ୨୦ ବର୍ଷ ହେଲା ରାସ୍ତାରେ ଭାସୁଛି ନର୍ଦ୍ଦମା ପାଣି**

# ଚୋରି କରି ନେଉଥିଲେ, ଧରିଲେ ଲୋକେ

**ରାଉରକେଲା, ୧୧।୭ (ସମିସ):** ଏକ ଠିକା ସଂସ୍ଥାର ଷ୍ଟୋର ରୁମରୁ ଜଣେ ଦୁର୍ବୃତ୍ତ ସାମଗ୍ରୀ ଚୋରି କରି ଫେରାର ହେଉଥିବା ବେଳେ ଲୋକେ ତାକୁ ଧରିବାରେ ସକ୍ଷମ ହୋଇଛନ୍ତି। ଅଭିଯୁକ୍ତ ଜଳଦା ଏ ବ୍ଲକର ଅନୁପ ମୁଣ୍ଡା (୨୭)ଙ୍କୁ ବ୍ରାହ୍ମଣୀ ତରଙ୍ଗ ଥାନା ପୁଲିସ ଜିମା ଦିଆଯାଇଛି। ପୁଲିସ ଅନୁପଙ୍କଠାରୁ ଲୁହା କଟର ମେସିନ, ପ୍ଲାଇ କଟର ମେସିନ, ଲିଡିଲି ଓ ଭାଇବ୍ରେଟର ଆଦି ଜବତ କରି ତାଙ୍କୁ କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି।

ବେଦବ୍ୟାସ ମନ୍ଦିର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି। କାମ ନେଇଥିବା ଠିକା ସଂସ୍ଥା ମନ୍ଦିର ନିକଟରେ ଅସ୍ଥାୟୀ ଷ୍ଟୋର ରୁମ କରିଥିଲା। ମଙ୍ଗଳବାର ବିଳମ୍ବିତ ରାତିର ଦୁର୍ବୃତ୍ତ ଦ୍ୱୟ ଚୋରି ଉଦ୍ୟମ କରିବା ବେଳେ ଲୋକଙ୍କ ହାତରେ ଧରାପଡ଼ିଥିଲେ। ଫେରାର ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

# ଫଳ ବ୍ୟବସାୟୀଙ୍କୁ ସଂଘବଦ୍ଧ ଆକ୍ରମଣ



**ରାଉରକେଲା, ୧୧।୭ (ସମିସ):** ଫଳ ବ୍ୟବସାୟୀଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିବା ରଘୁନାଥପାଲି ଥାନାରେ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୁଲିସ ସୂଚନା ମୁତାବକ, ବାସନ୍ତୀ କଲୋନୀ ଆଖଣ୍ଡଳମଣି ବସ୍ତିରେ ସୁଶାନ୍ତ ବାରିକ ପରିବାର ସହ ରୁହନ୍ତି। ତାଙ୍କ ପୁଅ ସ୍ଥାନୀୟ ଡିଏଭି ଛକରେ ଫଳ ବ୍ୟବସାୟ କରନ୍ତି। ବୁଧବାର ରାତିରେ କୌଣସି କଥାକୁ ନେଇ ଉକ୍ତ ବସ୍ତିର ଚିଣ୍ଟୁ ଦୀପ, ନାଣ୍ଟୁ ଦୀପ ସମେତ ଅନ୍ୟମାନେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏନେଇ ଗୁରୁବାର ସୁଶାନ୍ତ ଥାନାରେ ଅଭିଯୋଗ କରିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

# ଧଳାଜହର ଜବତ ମାମଲାରେ ଆଉ ଜଣେ ମହିଳା ଗିରଫ

**ସୁନ୍ଦରଗଡ଼, ୧୧।୭ (ସମିସ):** ମେ ୧୫ ତିରଖ ସୁନ୍ଦରଗଡ଼ ଟାଉନ ଥାନା ଅନ୍ତର୍ଗତ ଆଦର୍ଶନଗର ଛକରୁ ଲକ୍ଷାଧିକ ଟଙ୍କାର ଧଳାଜହର ଜବତ ମାମଲାରେ ପୁଲିସ ଆଉ ଜଣେ ମହିଳାଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ତାଙ୍କ ନାମ ପୂଜା ଖାମାରି (୨୫)। ପୂଜାଙ୍କୁ ମିଶାଇ ଏହି ମାମଲାରେ ଗିରଫ ସଂଖ୍ୟା ୩କୁ ବୃଦ୍ଧି ପାଇଛି। ତେବେ ଫେରାର ଥିବା ଅନ୍ୟତମ ଅଭିଯୁକ୍ତ ତଥା ପୂଜାଙ୍କ ଭାଇଙ୍କୁ ଅଦ୍ୟାବଧି ଗିରଫ କରାଯାଇ ପାରିନାହିଁ।

**● ଗିରଫ ସଂଖ୍ୟା ୩କୁ ବୃଦ୍ଧି**

ଘଟଣା ଦିନ ସକାଳେ କେତେଜଣ ବ୍ୟକ୍ତି ଆଦର୍ଶନଗର ଛକରେ ବ୍ରାଉନସୁଗର ବିକ୍ରି କରିବା ପାଇଁ ବୁଲୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଆଇଆଇସି ଆଦିତ୍ୟ ମହାକୁର ସେଠାରେ ଚଢ଼ଉ ପାଇଁ ପୁଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୁଲିସ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସୁନ୍ଦରଗଡ଼ ରାଣୀବଗିଚାର ପେନେ ଓରଫ ହରୀଶ ଧରେଇ (୨୮) ଏବଂ ତାଙ୍କ ସ୍ତ୍ରୀ ଇଶା ଧରେଇ (୨୩)ଙ୍କୁ ଧରି ଯାଞ୍ଚ କରିଥିଲେ। ଏହି ଦମ୍ପତିଙ୍କଠାରୁ ୫୦ ପ୍ୟାକେଟ ଧଳାଜହର ଠାବ ହୋଇଥିଲା। ପୁଲିସ ତାଙ୍କୁ ଅଟକ ରଖି ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଏବଂ ସାକ୍ଷୀଙ୍କ ଉପସ୍ଥିତିରେ ଏହାକୁ ଜବତ କରିବା ସହ ଦମ୍ପତିଙ୍କୁ ଗିରଫ କରିଥିଲା। ଏମାନଙ୍କ ନିକଟରୁ ୧୦.୬୯୦ ଗ୍ରାମ ଧଳାଜହର ହୋଇଥିଲା। ଏହାର ମୂଲ୍ୟ ଏକ ଲକ୍ଷ ଟଙ୍କା ହେବ। ସେହିପରି ଏମାନଙ୍କଠାରୁ ନଗଦ ୧୦ ହଜାର ୫୦୦ ଟଙ୍କା ସହ ଗୋଟିଏ ମୋବାଇଲ ଫୋନ ଓ ସୁନା କାନଫୁଲ ଜବତ କରାଯାଇଥିଲା। ତେବେ ମହେଶଡିହିର ପୂଜା ସେମାନଙ୍କୁ ବ୍ରାଉନସୁଗର ଯୋଗାଇଥିବା ଉକ୍ତ ଦମ୍ପତି ପୁଲିସ ଆଗରେ ବୟାନ ଦେଇଥିଲେ। ସେମାନଙ୍କ ବୟାନ ଆଧାରରେ ପୁଲିସ ପୂଜାଙ୍କୁ ଗିରଫ କରିବାକୁ ଉଦ୍ୟମ ଚଳାଇଥିଲା।

# ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରିୟ ମହାସଭାର ନୂତନ କମିଟି

ରାଉରକେଲା, ୧୧।୭ (ସମିସ)



ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରିୟ ମହାସଭା ଇସ୍ପାତ ନଗର କମିଟିର ଆସନ୍ତା ୩ବର୍ଷ ପାଇଁ ନୂତନ କମିଟି ସଭାପତିଙ୍କ ଅନୁମୋଦନ କ୍ରମେ ଗଠିତ ହୋଇଛି। ସେକ୍ଟର-୩ ଖଡ୍‌ଗ ଭବନରେ ବରିଷ୍ଠ ଉପସଭାପତି ଉପେନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ କମିଟିର ପ୍ରମୁଖ ସଦସ୍ୟମାନେ ଯୋଗଦେଇ ଗତ ମାର୍ଚ୍ଚରେ ହୋଇଥିବା ରାଜ୍ୟ ସମ୍ମିଳନୀର ଆୟବ୍ୟୟ ଆଲୋଚନା କରି ଅନୁମୋଦନ କରିଥିଲେ। ଏହାସହ ଆସନ୍ତା ୩ବର୍ଷ ପାଇଁ ନୂତନ କମିଟି ଗଠନ କରାଯାଇଥିଲା। ପରେ ମେଫେୟାରରେ ନୂତନ ସଭାପତି ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟଙ୍କୁ ସାକ୍ଷାତ କରି ସମସ୍ତ ବିଷୟ ଅବଗତ କରାଯାଇ ତାଙ୍କ ଅନୁମୋଦନ ତଥା ସର୍ବସମ୍ମତିକ୍ରମେ ଉପଦେଷ୍ଟା ମଣ୍ଡଳୀରେ କେନ୍ଦ୍ରମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ଯଦୁମଣି ସ୍ୱାଇଁ, ହରିହର ରାଉତରାୟ, ଡା. ୟୁସି ଜେନା, ସୁରେନ୍ଦ୍ର ରାଉତ ଓ ବାବାଜୀ ସ୍ୱାଇଁଙ୍କୁ ନିଯୁକ୍ତ କରାଯାଇଥିଲା। ସେହିପରି ସଭାପତି ଭାବେ ଦିଲୀପ ରାୟ, କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର କୁମାର ନାୟକ, ଉପସଭାପତି ନାରାୟଣ ଚନ୍ଦ୍ର ସାମଲ, ଭାନୁପ୍ରତାପ ପ୍ରଧାନ, ସୁବ୍ରତ ମଲ୍ଲିକ, ରାଜେନ୍ଦ୍ର ନାୟକ, ରତ୍ନାକର ବଳ, ନିରୋଦ କୁମାର ରାଉତ, ମୀନତି ବିଶ୍ୱାଳ, ସାଧାରଣ ସମ୍ପାଦକ ଶଶଧର ପାତ୍ର, ସହ ସମ୍ପାଦକ କିଶୋର ନାୟକ, ସାଂଗଠନିକ ସମ୍ପାଦକ ଜଗନ୍ନାଥ ରାଉତ, ଉଗ୍ରସେନ ବିଶ୍ୱାଳ, ଶମ୍ଭୁନାଥ ପରିଡ଼ା, ଚନ୍ଦ୍ରମଣି ବେହୁରା, ଅକ୍ଷୟ ଦାସ, ବସନ୍ତ ଜେନା, ସନ୍ତୋଷ ବିଶ୍ୱାଳ, ନିରଞ୍ଜନ ସାମଲ, କୋଷାଧ୍ୟକ୍ଷ ଗଙ୍ଗାଧର ନାୟକ, କାର୍ଯ୍ୟକାରୀ ସଦସ୍ୟ ଭାବେ ରଥୀନ୍ଦ୍ର ପ୍ରଧାନ, ଅବନୀ ବଳ, ସୁଦର୍ଶନ ସାମଲ, ରାଧାଶ୍ୟାମ ପରିଡ଼ା, ସନ୍ତୋଷ ପ୍ରଧାନ, ଗଣେଶ ଜୟସିଂହ, ନାରାୟଣ ମହାଳିକ, ମହେନ୍ଦ୍ର ମଲ୍ଲିକ, ପ୍ରଶାନ୍ତ କୁମାର ଭୁଜବଳ ଓ ମୁଖପାତ୍ର ଭାବେ କୁଞ୍ଜବିହାରୀ ରାଉତ ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ଏହାସହ ଖଡ୍‌ଗ ଭବନ ମରାମତି ଓ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ତଥା ଆସନ୍ତା ଅଗଷ୍ଟରେ ନୂତନ କର୍ମକର୍ତ୍ତାଙ୍କ ସତ୍ୟପାଠ ଓ ଗତ ରାଜ୍ୟ ସମ୍ମିଳନୀରେ ଥିବା କିଛି ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବ ବୋଲି ସ୍ଥିର କରାଯାଇଛି।

## ଜଗତସିଂହପୁର ଜିଲ୍ଲା ହସ୍ପିଟାଲର ବିକଳ ଚିତ୍ର

# ମିଳୁନି ସେବା; ଶୋଭା ପାଉଛି ଆଇସିୟୁ ବୋର୍ଡ

**ଜଗତସିଂହପୁର,୧୧।୭ (ସମିସ):** ଜଗତସିଂହପୁର ଜିଲ୍ଲା ହସପିଟାଲରେ ଦୀର୍ଘ ଦିନ ହେବ ଆଇସିୟୁ ଲେଖାଥିବା ବୋର୍ଡ ଶୋଭା ପାଉଛି। ମାତ୍ର ଗୁରୁତର ରୋଗୀଙ୍କୁ ଏଠାରେ ସେପରି କୌଣସି ଚିକିତ୍ସା ସେବା ମିଳୁନଥିବା ଜଣାପଡିଛି। ଆଜକୁ ୨୦ ମାସ ମାସ ତଳେ ଆଇସିୟୁର ଉଦ୍‌ଘାଟନ ସରିଛି। ତେବେ ଉଦ୍‌ଘାଟନ ପରଠୁ ଏପର୍ଯ୍ୟନ୍ତ ଆଇସିୟୁ ପାଇଁ ଉଦ୍ଦିଷ୍ଟ ଗୃହ ବନ୍ଦ ହୋଇରହିଛି। ଆଇସିୟୁ ପାଇଁ ରାଜ୍ୟ ସରକାର ଯୋଗାଇ ଦେଇଥିବା ମୂଲ୍ୟବାନ ଯନ୍ତ୍ରାଂଶ ଏବେ କିପରି ଅଛି ଏହା

ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବର୍ହିଃ ବିଭାଗ ଓ ଆଶୁ ଚିକିତ୍ସା ବିଭାଗକୁ ପ୍ରତିଦିନ ଶହ ଶହ ରୋଗୀ ଆସୁଛନ୍ତି। ସେଥିରେ ଅନେକ ଗୁରୁତର ରୋଗୀ ରହିଛନ୍ତି। ସେହିପରି ଦୁର୍ଘଟଣାର ଶିକାର ହୋଇ ପ୍ରତିଦିନ ଏଠାକୁ ବହୁରୋଗୀ ଆସୁଛନ୍ତି। ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ସରକାର ଇଣ୍ଟେନସିଭ କେୟର ୟୁନିଟ (ଆଇସିୟୁ) ସ୍ଥାପନ ପାଇଁ ଏକ ନୂଆ ବିଲଡିଂର ନିର୍ମାଣ କରାଇବା ସହିତ ୧୦ଟି ଆଇସିୟୁ ଶଯ୍ୟା ପାଇଁ




- ଉଦ୍‌ଘାଟନର ୨୦ମାସ ପରେ ମଧ୍ୟ ବନ୍ଦ ହୋଇରହିଛି ଘର
- କଟକ, ଭୁବନେଶ୍ୱର ଘରୋଇ ହସ୍‌ପିଟାଲ ଭରସାରେ ଜିଲ୍ଲାବାସୀ
- ଖତ ଖାଉଛି କୋଟି କୋଟି ଟଙ୍କାର ମୂଲ୍ୟବାନ ଯନ୍ତ୍ରାଂଶ

ଜଣାପଡିନଥିଲେ ମଧ୍ୟ ବନ୍ଦ ହୋଇ ରହିଥିବା ଘରେ କୋଟି କୋଟି ଟଙ୍କାର ଏହି ମୂଲ୍ୟବାନ ଯନ୍ତ୍ରଂଶ ପଡି ଖତ ଖାଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଜିଲ୍ଲାର ଗୁରୁତର ରୋଗୀଙ୍କ ଚିକିତ୍ସାପାଇଁ କଟକ ଭୁବନେଶ୍ୱର ସମେତ ବିଭିନ୍ନ ଘରୋଇ ହସପିଟାଲ ଉପରେ ନିର୍ଭର କରିବାକୁ ପଡୁଛି। ଏଥିପାଇଁ ବହୁ ରୋଗୀ ଶୋଷଣର ଶିକାର ହେଉଥିବା ବେଳେ ଅନେକ ଗୁରୁତର ରୋଗୀ ଠିକ ସମୟରେ ଚିକିତ୍ସା ଅଭାବରୁ ମୃତ୍ୟୁମୁଖରେ ପଡୁଥିବା ଅଭିଯୋଗ ହେଉଛି।

ଆବଶ୍ୟକ ମୂଲ୍ୟବାନ ଯନ୍ତ୍ରାଂଶ ଓ ବେଡ ଯୋଗାଇ ଦେଇଥିଲେ। ଏଥିସହିତ ଜଣେ ଡାକ୍ତର ଓ ନର୍ସଙ୍କୁ ଟ୍ରେନିଂ ମଧ୍ୟ ଦିଆଯାଇଥିଲା। ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ହେବାପରେ ୨୦୨୨ ଡିସେମ୍ବର ୧୫ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ମାତ୍ର ଆଇସିୟୁ ଚଳାଇବାକୁ ଟ୍ରେନିଂ ନେଇ ଆସିଥିବା ଏକମାତ୍ର ଡାକ୍ତର ଡ.ସତ୍ୟଜିତ ପାଲ ପ୍ରଥମେ ପିଜି କରିବାକୁ ଚାଲିଯିବା ପରେ ଆଇସିୟୁ କାର୍ଯ୍ୟକ୍ଷମ ହେବା ଏକପ୍ରକାର ଶୀତଳ ଭଣ୍ଡାରକୁ ଚାଲିଯାଇଥିଲା। ସେ ଫେରିବାପରେ ଆଇସିୟୁ ଖୋଲିବ ବୋଲି ଆଶା କରାଯାଉଥିଲା। ତାଙ୍କର କୋରାପୁଟ ବଦଳି ହେବା ପରେ ଆଇସିୟୁ ଖୋଲିବାର ସମସ୍ତ ରାସ୍ତା ବନ୍ଦ ହୋଇଯାଇଥିବବା ସୂଚନା ମିଳିଛି। ତେବେ ଏହି ସମୟ ମଧ୍ୟରେ ଅନ୍ୟ ଡାକ୍ତର ଓ ନର୍ସଙ୍କୁ ଆଇସିୟୁ ପରିଚାଳନା ପାଇଁ ଟ୍ରେନିଂ ଦେବାକୁ ବ୍ୟବସ୍ଥା କରାଯିବା କଥା। ମାତ୍ର ଜିଲ୍ଲା ହସପିଟାଲରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନଥିବାରୁ ଏହା ସମ୍ଭବ ହୋଇପାରୁନଥିବା ସୁଚନା ମିଳିଛି।

ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଶତ୍ରୁଘ୍ନ ଦାସଙ୍କୁ ପଚାରିବାରୁ ସେ କହନ୍ତି, ଆଇସିୟୁ ଚଳାଇବାକୁ ଆମ ନିକଟରେ ଆବଶ୍ୟକ ମାନବ ସମ୍ବଳ ନାହିଁ। ଏଠାରେ ବହୁ ଡାକ୍ତରୀ ପଦବୀ ଖାଲି ପଡିଥିବା ସମୟରେ କେବଳ ଆଇସିୟୁ ପାଇଁ ୪ଜଣ ଡାକ୍ତର ଓ ୧୦ ଜଣ ଷ୍ଟାଫ ନର୍ସଙ୍କ ଆବଶ୍ୟକତା ରହିଛି। ତେବେ କୋ÷ଣସି ପ୍ରକାର ଜଣେ ଡାକ୍ତରଙ୍କୁ ନେଇ ଆଇସିୟୁ ଖୋଲିବାକୁ ଚାହୁଁଥିଲେ ମଧ୍ୟ ଆଇସିୟୁ ପରିଚାଳନା ସମ୍ପର୍କରେ ଟ୍ରେନିଂନେଇ ଆସିଥିବା ଡାକ୍ତର ସତ୍ୟଜିତ ପାଲ ଚାଲିଯିବା ପରେ ଆଇସିୟୁ କାର୍ଯ୍ୟକ୍ଷମ କରାଯାଇ ପାରିନାହିଁ। ତେବେ ଜଗତସିଂହପୁର ଜିଲ୍ଲାରେ ଗତ ଜାନୁଆରୀରୁ ଜୁନ ମାସ ମଧ୍ୟରେ ବହୁ ଭୟାବହ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ବହୁବ୍ୟକ୍ତି ମୃତାହତ ହୋଇଛନ୍ତି। ଗୁରୁତର ଥିବା ରୋଗୀଙ୍କ ପାଇଁ ଆଇସିୟୁ ଜରୁରୀ ହୋଇଥିବା ସମୟରେ ଯଥା ଶୀଘ୍ର ଆଇସିୟୁ ଖୋଲିବାକୁ ସାଧାରଣରେ ଦାବି ହେଉଛି।

## ଦରିଆପାରି ମା' ରାମଚଣ୍ଡୀ ପୀଠରେ ଚନ୍ଦନ ଚାରାରୋପଣ




**ମହାକାଳପଡ଼ା,୧୧।୭(ସମିସ):** ମହାକାଳପଡ଼ା ବ୍ଲକ ରାମନଗର ଦରିଆପାରି ମା ରାମଚଣ୍ଡୀ ପୀଠରେ ଗୁରୁବାର ଚନ୍ଦନ ଗଛର ଗଛ ରୋପଣ କରାଯାଇଛି । ସଂକୀର୍ତ୍ତନ କରାଯାଇ ମା ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା କରାଯିବା ପରେ ଦଶଟି ଚନ୍ଦନ ଗଛକୁ ରୋପଣ କରାଯାଇଥିଲା ।ମା ରାମଚଣ୍ଡୀ ସେନାର ଆବାହକ ଲକ୍ଷ୍ମୀକାନ୍ତ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଅଧ୍ୟାପକ ଭୁବନ ମୋହନ ଜେନା, ପରିବେଶବିତ ତଥା ରାଜନଗର ମହାବିଦ୍ୟାଳୟର ଅଧକ୍ଷ ଅତୁଲ ବଳ, ଧର୍ମରକ୍ଷା ସେନାର ଜିଲ୍ଲା ସଂଯୋଜକ ଉମେଶ ଦାସ, ପେଟଛେଲା ପଞ୍ଚାୟତର ସରପଞ୍ଚ ପ୍ରସନ୍ନ କୁମାର ବେହେରା, ସମାଜସେବୀ ଦୀପକ ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିଥିଲେ । ସୂଚନା ଥାଉକି, ରାମଚଣ୍ଡୀ ପୀଠରେ ଉନ୍ନତିକରଣ ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲୁଥିବା ବେଳେ ପୀଠ ପରିସରରେ ପୂର୍ବରୁ ଥିବା ଏକ ରକ୍ତ ଚନ୍ଦନ ଗଛକୁ ଠିକାଦାର ଜଣକ କାଟି ଦେଇଥିଲେ । ଯାହାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା ।ଏ ନେଇ ମା ରାମଚଣ୍ଡୀ ସେନା ପକ୍ଷରୁ ବୈଠକ କରାଯାଇ ପୀଠ ପରିସରରେ ଏକାଧିକ ଚନ୍ଦନ ଗଛ ଲଗାଇବା ନେଇ ନିଷ୍ପତ୍ତି ନିଆଯାଇଥିଲା । ଗୁରୁବାର ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ହୋଇ ନାମସଂକୀର୍ତ୍ତନ କରି ମାଙ୍କ ପୂଜାର୍ଚ୍ଚନା କରିଥିଲେ ଏବଂ ଦଶଟି ଚନ୍ଦନ ଗଛ ଲଗାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ରାମନଗର ପଞ୍ଚାୟତର ପୂର୍ବତନ ସରପଞ୍ଚ ବିକାଶ ଦେବନାଥ,କରୁଣାକର ଦାସ, କୃଷକ ନେତା ପବିତ୍ର ପରିଡା,ବାବୁଲି ଜେନା, ଅଜୟ ସ୍ୱାଇଁ, ବିରଞ୍ଚି ନାରାୟଣ ଦାସ,ଅଶୋକ ସ୍ୱାଇଁ, କଳ୍ପତରୁ ସାମଲ, ସଞ୍ଜୟ ଦାସ, ସୁବାସ ସ୍ୱାଇଁ, ପ୍ରଦୀପ ସ୍ୱାଇଁ, ହେମନ୍ତ ସ୍ୱାଇଁ, ପ୍ରସନ୍ନ ପରିଡା, ଦୀପକ ଜେନା, ରଶ୍ମିରଂଜନ ସାମଲ, ଗୁରୁପଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଆଶୀର୍ବାଦ ସେବା ସଂଗଠନ ପକ୍ଷରୁ ବନ୍ଧୁମିଳନ



**ଜଗତସିଂହପୁର,୧୧।୭(ସମିସ):** ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶୀର୍ବାଦ ସେବା ସଂଗଠନ ପକ୍ଷରୁ ସ୍ଥାନୀୟ ହାଟ ବଜାର ସ୍ଥିତ ସୋମନାଥ ମନ୍ଦିର ପରିସରରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଗଠନର ସଭାପତି ଜଗନ୍ନାଥ ବେହେରା ଅଧକ୍ଷତା କରି ସଂଗଠନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନୁଷ୍ଠିତ ଏହି ସଭାରେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଅତିଥି ଭାବେ ଯୋଗ ଦେଇ ଆଶୀର୍ବାଦ ସେବା ସଂଗଠନ କରୁଥିବା କାର୍ଯ୍ୟକୁ ପ୍ରଶଂସା କରିବା ସହିତ ସଂଗଠନକୁ ଆଗେଇ ନେବା ପାଇଁ ପରସ୍ପର ମଧ୍ୟରେ ବନ୍ଧୁତା ଭାଇଚାରା ଓ ବୁଝାମଣା ରହିବା ନିହାତି ଜରୁରୀ ବୋଲି କହିଥିଲେ। ସଂଗଠନର ବରିଷ୍ଠ ସଦସ୍ୟ ସରୋଜ ସ୍ୱାଇଁ ଆଗାମୀ ଦିନରେ ସଂଗଠନ ସେବା ମୂଳକ କାର୍ଯ୍ୟ ସହିତ ଗରିବ ଅସହାୟ ଭିନ୍ନକ୍ଷମ ଦଳିତ ନିଷ୍ପେସିତ ଲୋକମାନଙ୍କୁ ସାହାଯ୍ୟ ସହଯୋଗ କରିବା ପାଇଁ ଉପସ୍ଥିତ ସଭ୍ୟ ଓ ସଭ୍ୟା ମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଶ୍ମୀ ରଞ୍ଜନ ମହାନ୍ତି, କୁନିଲତା ଦାଶ, ପ୍ରଦୀପ ଦାସ, ସନ୍ତୋଷ କରଣ, ଦୈତାରୀ ଭୋଇ, ସୌମ୍ୟକାନ୍ତ ଦାସ, ସିମା ଭୋଇ, ବାପି ଦାସ , ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ତପନ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ବନ୍ଦର ପକ୍ଷରୁ ନୂତନ ଶୌଚାଳୟ ଗୃହ ଉଦ୍‌ଘାଟିତ

**ପାରାଦୀପ,୧୧।୭(ସମିସ):** ରଥଯାତ୍ରା ଅବସରରେ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଧୁବନ ନିକଟ ମାଉସୀମା ମନ୍ଦିର ନିକଟରେ ସର୍ବସାଧାରଣ ବ୍ୟବହାର ପାଇଁ ଏକ ନୂତନ ଶୌଚାଳୟ ଗୃହ ଉଦଘାଟିତ ହୋଇଯାଇଛି। ବନ୍ଦର ଅଧକ୍ଷ ପି ଏଲ ହରନାଦ ଏହି ନବ ନିର୍ମିତ ଶୌଚାଳୟକୁ ଉଦଘାଟନ କରିଥିଲେ। ସୂଚନା ଥାଉକି, ରଥଯାତ୍ରା ସମୟରେ ତିନି ଠାକୁର ମାଉସୀମା ମନ୍ଦିରରେ ସାତଦିନ ରହି ପୂଜା ପାଇଥାନ୍ତି। ଏହି ସପ୍ତାହ ବ୍ୟାପୀ ଉତ୍ସବରେ ସେଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ ଏବଂ ବହୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥାଏ। କିନ୍ତୁ ନିକଟରେ କୌଣସି ଶୌଚାଳୟ ନ ଥିବାରୁ ବିଶେଷ ଭାବରେ ମହିଳାମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହି ଶୌଚାଳୟ ହେବା ଦ୍ୱାରା ବହୁ ଭକ୍ତ ଉପକୃତ ହେବେ।

## ଷ୍ଟେସନ ପାଖ ରାସ୍ତା ଉପରେ ଆଣ୍ଠୁଏ ଖାଲ



**ପାରାଦୀପ,୧୧।୭(ସମିସ):** ପାରାଦୀପ ରେଲୱେ ଷ୍ଟେସନ ପାଖରୁ ଅଠରବାଙ୍କୀ ଆସିଲେ ରାସ୍ତାର ଅବସ୍ଥା ନ କହିବା ଭଲ। ରାସ୍ତା ମଝିରେ ଠାଏ ଠାଏ ଆଣ୍ଠୁଏଟାଲ। ଅସରାଏ ବର୍ଷା ହେଲେ ପାଣି ଜମି ରହିଯାଉଛି। ନିଷ୍କାସନ ପାଇଁ କେଉଁଆଡେ ବାଟ ନାହିଁ। ରାସ୍ତାରେ ପ୍ରତିଦିନ ଚଳପ୍ରଚଳ କରୁଥିବା ଲୋକେ ନାହିଁ ନଥିବା ହୀନସ୍ତା ହେଉଛନ୍ତି। ଏନେଇ କେହିବି ମୁହଁ ଖୋଲୁ ନଥିବା ଅଭିଯୋଗ ହେଉଛି। ତେବେ ଷ୍ଟେସନରୁ ପାରାଦୀପକୁ ପ୍ରତ୍ୟକ ଦିନ ଶହ ଶହ ଲୋକ ସେହି ରାସ୍ତାଦେଇ ଯିବାଆସିବା କରୁଛନ୍ତି। ତା' ସହିତ ରିଫାଇନାରୀ ଓ ରଙ୍ଗିଆଗଡ଼ ଅଞ୍ଚଳକୁ ମଧ୍ୟ ସେହି ବାଟଦେଇ ବହୁ ତିନି ଚକିଆ ଅଟୋ, ବାଇକ ଓ କାର ମଧ୍ୟ ଯାଉଥିବା ଦେଖିବାକୁ ମିଳୁଛି। ସମସ୍ତେ ଯିବା ଆସିବା ବେଳେ ସମାନ ଦଶା ଭୋଗିବାକୁ ପଡୁଛି। ଆଗକୁ ବର୍ଷା ବଢିଲେ ରାସ୍ତା ପୁରା ପାଣିରେ ଉବୁଟୁବୁ ହେବା ସହ ଲୋକଙ୍କୁ ବହୁ ହୀନସ୍ତା ହେବାକୁ ପଡିବ। ତୁରନ୍ତ ଏହାର ମରାମତି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ନାରୀଜଙ୍ଗରେ ମା' ତାରିଣୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ



**ତିର୍ତ୍ତୋଲ,୧୧।୭(ସମିସ):** ତିର୍ତ୍ତୋଲ ବ୍ଲକ କନିମୂଳ ପଞ୍ଚାୟତ ନାରୀଜଙ୍ଗ ଗ୍ରାମରେ ମା' ତାରିଣୀ ମନ୍ଦିରର ପ୍ରତିଷ୍ଠା ଓ ମୂର୍ତ୍ତି ସ୍ଥାପନ ମହୋତ୍ସବର ଶୁଭାରମ୍ଭ ହୋଇଛି। ମଙ୍ଗଳବାର ଅଙ୍କୁରାରୋପଣ ହୋଥିବାବେଳେ ବୁଧବାର କଳସ ଶୋଭାଯାତ୍ରା, ଦେବୀଙ୍କ ଅଧିବାସ, ଯଜ୍ଞାଧିବାସ ଓ ଘଟସ୍ଥାପନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜକ ଭାବେ ମା' ତାରଣୀ ପୀଠର ପ୍ରସନ୍ନ ବାବା, କର୍ତ୍ତା ଭାବେ ବିଚିତ୍ର କୁମାର ସ୍ୱାଇଁ ଓ କର୍ତ୍ତୀ ଭାବେ ସୁଚିସ୍ମିତା ସ୍ୱାଇଁ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ମୁଖ୍ୟ ପୂଜକ ଭାବେ ସତ୍ୟାନନ୍ଦ ଶତପଥି ପୂଜା କାର୍ଯ୍ୟ ସମ୍ପାଦ କରୁଥିବାବେଳେ ଏହି ଉତ୍ସବକୁ ପହଲି ବାବାଙ୍କ ପରିଚାଳନା କରୁଛନ୍ତି। ଶନିବାର ରାତିରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ସହ ଏହି ଉତ୍ସବ ଉଦ୍‌ଯାପିତ ହେବ। ଏଥିରେ ନାରୀଜଙ୍ଗ ଗ୍ରାମବାସୀଙ୍କ ସହ କନିମୂଳ, ଦାଇଁଲୋ, ବିଶୁନପୁର, କୃଷ୍ଣାନନ୍ଦପୁର, ଗୋପାଳପୁର-ଶଙ୍ଖେସର ପଞ୍ଚାୟତର ମା' ତାରିଣୀଙ୍କ ସେବକ ବୃନ୍ଦ ସହଯୋଗ କରୁଛନ୍ତି।

## ବିଭିନ୍ନ ସ୍ଥାନରେ ରଥଯାତ୍ରା

**ମଣିଜଙ୍ଗା,୧୧।୭(ସମିସ):** ତିର୍ତ୍ତୋଲ ବ୍ଲକର ବିଭିନ୍ନ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଣିଜଙ୍ଗା ଏସ୍‌ଏନ୍ ପାଟଣା ଜଗନ୍ନାଥ ମନ୍ଦିର, ପିପ୍ପଳମାଧବ ପଞ୍ଚାୟତ ଜଗନ୍ନାଥ ମନ୍ଦିର, ବାଣୀତ ପଞ୍ଚାୟତର ପଶ୍ଚିମେଶ୍ୱର ମନ୍ଦିର, ରଘୁଗଡା ପତିତପାବନଜୀଉ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ଗ୍ରାମର ହଜାର ହଜାର ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ମହାପ୍ରଭୁ ଦର୍ଶନ କରିଥିଲେ।

## ଛତୁଆ ପ୍ରସ୍ତୁତିରେ ଅନିୟମିତତା ପ୍ରସଙ୍ଗ

# ତଦନ୍ତ କରିବାକୁ ଯାଇଥିବା ଅଧିକାରୀଙ୍କୁ ଲୁଚିଲେ ସ୍ୱୟଂସହାୟକ ଗୋଷ୍ଠୀ



**ରାଜକନିକା,୧୧।୭(ସମିସ):** ରାଜକନିକା ବ୍ଲକର ସମସ୍ତ ଅଙ୍ଗନବାଡିରେ ପଢୁଥିବା ଶିଶୁ ଓ ଗର୍ଭବତୀଙ୍କୁ ପୁଷ୍ଟିକର ଛତୁଆ ଯୋଗାଣ ନାଁରେ ଅତ୍ୟନ୍ତ ନିମ୍ନମାନର ଛତୁଆ କରି ମାଲାମାଲ ହେଉଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଛତୁଆର ମାନ ଯାଞ୍ଚ ପାଇଁ ଜିଲ୍ଲାରୁ ଆସିଥିବା ଟିମ ଛତୁଆ ପ୍ରସ୍ତୁତ ୟୁନିଟରେ ତାଲା ପଡ଼ିଥିବା ଦେଖି ଫେରିଥିବା ଜଣାପଡ଼ିଛି। ଆଗୁଆ ସୂଚନା ଦେଇ ଜିଲ୍ଲାରୁ ଆସିଥିବା ଟିମ୍ ଆଜି ଛତୁଆ ପ୍ରସ୍ତୁତି କେନ୍ଦ୍ର ସହ ମାନ ଯାଞ୍ଚ କରିବାକୁ ଥିବାବେଳେ ବଳରାମପୁରରେ ଥିବା ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀର ଛତୁଆ ୟୁନିଟ ତାଲା ପଡିବା ତଦନ୍ତକାରୀ ଟିମ୍‌କୁ ଅଧିକ ସନ୍ଦେହରେ ପକାଇଛି। ଆଜି ଛତୁଆ ପ୍ରସ୍ତୁତ କରୁଥିବା ଏହି ଗୋଷ୍ଠୀ ଲୁଚିବା ସହ ତାଲା ପକାଇବା ଓ ଫୋନ ନ ଉଠାଇବା ନିମ୍ନମାନର ଛତୁଆ ପ୍ରସ୍ତୁତ ହେଉଥିବା ସନ୍ଦେହକୁ ଦୃଢୀଭୂତ କରିଛି। ରାଜକନିକା ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଦ୍ୱାରା ପରିଚାଳିତ ଛତୁଆ ପ୍ରସ୍ତୁତକାରୀ ଦୁଇ ସଂସ୍ଥାର ବେପରୁଆ କାରବାର ଆଜିର ତଦନ୍ତ ଟିମ ଆଗରେ ପଦାରେ ପଡିଲା ବୋଲି ସାଧାରଣରେ ଆଲୋଚନା ହେଉଛି। ବ୍ଲକର ୨୧୫ଟି ଅଙ୍ଗନବାଡ଼ି କେନ୍ଦ୍ରର କୁନି କୁନି ଛୁଆ ଓ ଗର୍ଭବତୀ, ପ୍ରସୂତିଙ୍କୁ ପୁଷ୍ଟିକର ଛତୁଆ ଯୋଗାଇ ଦେଇ ସେମାନଙ୍କୁ ସୁସ୍ଥ ଓ ସଶକ୍ତ ହେବା ଲକ୍ଷ୍ୟ ରଖାଯିବା ସହିତ ପିଲାଙ୍କ ଅପପୃଷ୍ଟି ରୋକିବା ପାଇଁ ଯୋଜନା ପ୍ରଣୟନ ହୋଇଛି। ହେଲେ ଛତୁଆ ପ୍ରସ୍ତୁତକାରୀ ଦୁଇ ସଂସ୍ଥା ନିଜ ସ୍ୱାର୍ଥକୁ ଆଖି ଆଗରେ ରଖି ଛୋଟଛୁଆ, ଗର୍ଭବତୀ ଓ ପ୍ରସୂତିଙ୍କ ସ୍ୱାସ୍ଥ୍ୟପ୍ରତି ଖେଳ ଖେଳି ଅର୍ଥ ଉପାର୍ଜନ ଲାଳସାରେ ସରକାରୀ ମାର୍ଗଦର୍ଶିକାକୁ ଦଳିମକଚି ନିଜ ମର୍ଜିରେ ଛତୁଆ ପ୍ରସ୍ତୁତ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଛତୁଆରେ ଆବଶ୍ୟକତା ଅନୁସାରେ ସୋଲା, ବାଦାମ ନ ଦେଇ କେବଳ ଗହମ ଓ ଚିନି ମିଶାଇ ଛତୁଆ ପ୍ରସ୍ତୁତ ହେଉଥିବା ଅଭିଯୋଗର ତଦନ୍ତ ପାଇଁ ଜିଲ୍ଲାରୁ ଆସିଥିବା ସିଡବ୍ଲ୍ୟୁସି ଟିମର ସଦସ୍ୟଙ୍କୁ ସାମ୍ନା ନ କରି ଛତୁଆ ପ୍ରସ୍ତୁତି ୟୁନିଟ୍‌ରେ ତାଲା ପକାଇ ଲୁଚିବା ସନ୍ଦେହକୁ ଦୃଢ଼ୀଭୂତ କରିଛି। ରାଜକନିକା ବ୍ଲକର ସମସ୍ତ ଅଙ୍ଗନବାଡି କେନ୍ଦ୍ରକୁ ଦୀର୍ଘ ଦଶନ୍ଧି ଧରି ଛତୁଆ ଯୋଗାଇବା ନାଁରେ ଅପପୁଷ୍ଟିକୁ ଆମନ୍ତ୍ରଣ କରିଥିବା ଏହି ଦୁଇ ୟୁନିଟକୁ ତୁରନ୍ତ ବନ୍ଦ କରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ଆଜି ଅପରାହ୍ନରେ କେନ୍ଦ୍ରାପଡ଼ା ସିଡବ୍ଲ୍ୟୁସି ସଦସ୍ୟ ସାଧନା ନାୟକ ଓ ଆଇନ ପର୍ଯ୍ୟବେକ୍ଷକ ଅଧିକାରୀ ବିବେକାନନ୍ଦ ଅଟବୃଦ୍ଧିଙ୍କ ଟିମ୍ ବଳରାମପୁରରେ ପହଞ୍ଚିବା ପରେ ଛତୁଆ ୟୁନିଟରେ ତାଲା ପଡ଼ିଥିବା ଦେଖି ଫୋନ କଲେ ମଧ୍ୟ ସମ୍ପାଦିକା ଫୋନ ଉଠାଇ ନ ଥିଲେ। ବାଧ ହୋଇ ଏହି ଟିମ୍ ଫେରି ଆସିବା ସହ ଆସନ୍ତାକାଲି ଜିଲ୍ଲାରେ ରିପୋର୍ଟ ପ୍ରଦାନ କରିବେ ବୋଲି କହିଛନ୍ତି। ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା ଚଳାଇବା ସହ ଅଧିକାରୀଙ୍କ ମାନ ଯାଞ୍ଚ ବେଳେ ବାରମ୍ବାର ତାଲା ପକାଇବା, ଲୁଚିବା ଓ ଫୋନ ନ ଉଠାଉବାର ଧାରା ରଖିଥିବା ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀଠାରୁ ତୁରନ୍ତ ଛତୁଆ ପ୍ରସ୍ତୁତି ପ୍ରତ୍ୟାହାର କରିବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

> ଆଗୁଆ ସୂଚନା ପାଇ ବି ତାଲା ପକାଇ ଗାଏବ

## ଦଣ୍ଡାସାହି ଗ୍ରାମରେ ପରିବେଶ ସଚେତନତା କାର୍ଯ୍ୟକ୍ରମ

**ତିର୍ତ୍ତୋଲ,୧୧।୭(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତେନ୍ତୁଳିପଦା ପଞ୍ଚାୟତ ଦଣ୍ଡାସାହିପଡା ଗ୍ରାମରେ ଚାରା ରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ନାଏବ ସରପଞ୍ଚ ମହେନ୍ଦ୍ର ରାଉତ ଯୋଗଦେଇ ସ୍ୱଚ୍ଛ ପରିବେଶ ପାଇଁ ବୃକ୍ଷ ଅପରିହାର୍ଯ୍ୟ ସମ୍ପର୍କରେ ସଚେତନତା କରିଥିଲେ। ପରେ ନାଏବ ସରପଞ୍ଚ ଶ୍ରୀ ରାଉତ, ପୂର୍ବତନ ୱାର୍ଡସଭ୍ୟ ଗୋବିନ୍ଦ ଦାସ, ବ୍ରହ୍ମାନନ୍ଦ ଦାସ, ବାବାଜୀ ଲେଙ୍କା, ନେଉଳ ଦାସ ଓ ଗ୍ରାମବାସୀଙ୍କ ସହଯୋଗରେ ମହାନଦୀପଠାରେ ଚାରା ରୋପଣ କରାଯାଇଥିଲା।

## ରେଡିଓ ଭାବଗ୍ରାହୀରେ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ



**କେନ୍ଦ୍ରାପଡା,୧୧।୭(ସମିସ):** ଆଜି ଅପରାହ୍ନରେ ଜିଲ୍ଲାର ଏକମାତ୍ର ଗୋଷ୍ଠୀ ବେତାର କେନ୍ଦ୍ର ବାରୁଅସ୍ଥିତ ରେଡିଓ ଭାବଗ୍ରାହୀର ଷ୍ଟୁଡିଓ ସରୋଜିନୀ ପରିସରରେ ବିଶ୍ୱ ଜନସଂଖ୍ୟା ଦିବସ ଉପରେ ଆଧାରିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାବଗ୍ରାହୀ କଳା ନିକେତନ ଏବଂ ରେଡିଓ ଭାବଗ୍ରାହୀର ପ୍ରତିଷ୍ଠାତା ସଂଗୀତଜ୍ଞ ବିମଳ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଇଂ.ବିଶ୍ୱଜିତ୍ ପରିଡା, ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ପାଣି, ବାଣୀ ବିନୋଦ ସାହିତ୍ୟ ସେବା ନିକେତନର ସଭାପତି ନିରଞ୍ଜନ ପରିଡା, ହଳଧର ଏଫ୍‌ପିସିଏଲ୍.ର ମୁଖ୍ୟ କାର୍ଯ୍ୟ ନିବାର୍ହୀ ସୁଶ୍ରୀ ସଂଗୀତା ଜେନା ପ୍ରମୁଖ ଅଂଶ ଗ୍ରହଣ କରି ଜନସଂଖ୍ୟାର ଦ୍ରୁତ ଅଭିବୃଦ୍ଧି ଫଳରେ ସମଗ୍ର ବିଶ୍ୱ ସ୍ତରରେ ସୃଷ୍ଟ ବିଭିନ୍ନ ପ୍ରକାର ଆହ୍ୱାନ ଏବଂ ସମସ୍ୟା ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ସଂଯୋଜକ ବିମଳ ପ୍ରସାଦ ପରିଡା ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ବିଶ୍ୱ ଜନସଂଖ୍ୟା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ୧୯୮୭ ମସିହା ଜୁଲାଇ ମାସ ୧୧ ତାରିଖରେ ବିଶ୍ୱର ଜନସଂଖ୍ୟା ୫୦୦ କୋଟିରେ ପହଞ୍ଚିବା ପରେ ଡ. କେସି ଜାଚାରିୟାଙ୍କ ପ୍ରସ୍ତାବ କ୍ରମେ ଜାତିସଂଘ ତରଫରୁ ବିଶ୍ୱ ଜନସଂଖ୍ୟା ଦିବସ ପ୍ରତିବର୍ଷ ପାଳିତ ହୋଇଆସୁଛି। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ହେଉଛି, ସଭିଙ୍କୁ ଗଣିବା, ଜଣେ ହେଲେ ବି କାହାକୁ ଛାଡିବା ନାହିଁ। ଆରମ୍ଭରେ ଭାବଗ୍ରାହୀ କଳା ନିକେତନର ଛାତ୍ରୀ ରଶ୍ମୀତା ସୂତାର ଏବଂ ରାଜଲକ୍ଷ୍ମୀ ପରିଡା ବିମଳ ପରିଡାଙ୍କ ରଚିତ ଓ ନିର୍ଦ୍ଦେଶିତ ବିଶ୍ୱ ଜନସଂଖ୍ୟା ଦିବସ ସମ୍ପର୍କିତ ସଚେତନତା ଧର୍ମୀ ସଙ୍ଗୀତ ଗାଇଥିଲେ। ରଶ୍ମୀରେଖା ବିଶ୍ୱାଳ, ଅଙ୍କିତା ପରିଡା, ଇଂ. ଦିବ୍ୟଜ୍ୟୋତି ପରିଡା, ରାଜେନ୍ଦ୍ର ପ୍ରସାଦ ପରିଡା, ପ୍ରଭାତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ରେଡିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାପାଙ୍କ ମୃତ୍ୟୁ ଓ ମାଆଙ୍କ ଅନ୍ୟତ୍ର ବିବାହ ପରେ ଦୁଇ ନାବାଳକ ସନ୍ତାନ ଅସହାୟ

**କେନ୍ଦ୍ରାପଡ଼ା,୧୧।୭(ସମିସ):** ଖେଳକୁଦ ବୟସରେ ମିଳିଛି ଦୁଃଖ ଆଉ ଯାତନା। ବାପା ଆଉ ମାଙ୍କ ପାଇଁ ଏବେ ଅସହାୟ ଆଉ ଅନାଥ ହୋଇପଡିଛନ୍ତି ଦୁଇ କୁନି ପିଲା। ଏହିଭଳି ଏକ ଦୁଃଖଦ ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ବରକନ୍ଧା ଗ୍ରାମ ପଞ୍ଚାୟତ ତେନ୍ତୁଳିକନ୍ଧା ଗ୍ରାମରେ ଦେଖିବାକୁ ମିଳିଛି । ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ସ୍ୱାମୀ ଜୀବନ ହାରିଲା ।ସ୍ୱାମୀଙ୍କ ମୃତ୍ୟୁ ପରେ ପତ୍ନୀ ଅନ୍ୟତ୍ର ବିବାହ କଲେ । ଦୁଇଟା ପିଲାକୁ ଛାଡ଼ି ମାଆ ମାନି ସାମଲ ଅନ୍ୟତ୍ର ବିବାହ କରିବା ପରେ ଦୁଇଟି ପିଲା ଅସହାୟ ହୋଇପଡିଛନ୍ତି ।ଏବେ ଦୁଇଟି ନାବାଳକ ସନ୍ତାନ ଖାଇବେ କ'ଣ? ରହିବେ କେଉଁଠି? ତାକୁ ନେଇ ପ୍ରଶ୍ନ ଉଠାଇଛି ମହାକାଳପଡ଼ା ୟୁଥ୍ ଗ୍ରୁପ୍ । ବାପା ମାଆଙ୍କ ପରେ ତାଙ୍କ କଥା କିଏ ବୁଝିବ? ସ୍ୱର୍ଗତ ଗଗନ କୁମାର ସେନାପତି ଓ ମାନି ସାମଲଙ୍କ ଦୁଇଟି ସନ୍ତାନ। ଶୁଭ୍ରଜିତ୍ ସେନାପତି ଓ ଆନିସା ସେନାପତି। ସେମାନଙ୍କୁ ଜିଲ୍ଲା ପ୍ରଶାସନ ଓ ମହାକାଳପଡ଼ା ବ୍ଲକ ପ୍ରଶାସନ ତରଫରୁ ଥଇଥାନ ସହିତ ସମସ୍ତ ସହଯୋଗ ଯୋଗାଇ ଦେବାକୁ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାର ତରଫରୁ ଦାବି ହୋଇଛି।

## ଧର୍ମପ୍ରାଣାଙ୍କ ପରଲୋକ

ମଣିଜଙ୍ଗା, ୧୧।୭(ସମିସ): ତିର୍ତ୍ତୋଲ ବ୍ଲକ ପିପ୍ପଳ ମାଧବ ପଞ୍ଚାୟତ ବଡିଲୋ ଗ୍ରାମର ନୃସିଂହ ଚରଣ ନାୟକଙ୍କ ପତ୍ନୀ ବିଷ୍ଣୁପ୍ରିୟା ନାୟକଙ୍କ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମ ପରାୟଣା ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ନୃସିଂହ, ତିନିପୁତ୍ର, ବୋହୂ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା।

# ଟେଲିକମ୍ ଗ୍ରାହକ ବିଏସ୍ଏନ୍ଏଲ୍ ମୁହାଁ

**ବଲାଙ୍ଗିର, ୧୧।୭ (ସମିସ):** ଗତ ୧୦ ଦିନ ହେଲା ବିଏସଏନଏଲ କାର୍ଯ୍ୟାଳୟ ଓ ଦୋକାନରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଛି। ଘରୋଇ ଟେଲିକମ ସଂସ୍ଥା ଜିଓ, ଏୟାରଟେଲ ଭଳି କଂପାନୀ ରିଚାର୍ଜ ଦେୟ ବଢ଼ାଇବା ପରେ ଏବେ ଗ୍ରାହକ ପୁଣି ବିଏସଏନଏଲ ମୁହାଁ ହୋଇଛନ୍ତି। ଏହାର କିଛି ପ୍ରଭାବ ବଲାଙ୍ଗିର ଟେଲିକମ ସର୍କଲ ଉପରେ ପଡ଼ିଥିବା ଦେଖିବାକୁ ମିଳିଛି। ଗତ ଦଶ ଦିନ ଭିତରେ ବଲାଙ୍ଗିର ଓ ସୋନପୁର ଜିଲ୍ଲାରେ ବହୁ ସଂଖ୍ୟାରେ ନୂତନ ସଂଯୋଗ ଆରମ୍ଭ ହୋଇଥିବା ବେଳେ ଅନ୍ୟ କଂପାନୀ ଗ୍ରାହକମାନେ ମଧ୍ୟ ବିଏସଏନଲକୁ 'ପୋର୍ଟାବିଲିଟି' କରିଥିବା ଜଣାପଡ଼ିଛି।

ବଲାଙ୍ଗିର ବିଏସଏନଏଲ ସର୍କଲ ଅଧୀନରେ ବଲାଙ୍ଗିର ଓ ସୋନପୁର ଜିଲ୍ଲା ରହିଛି। ବିଗତ କିଛି ବର୍ଷ ହେଲା ବଲାଙ୍ଗିର ବିଏସଏନଏଲ କାର୍ଯ୍ୟାଳୟରେ ନୂତନ ସିମ ନେବା ପାଇଁ ଲୋକଙ୍କ ଭିଡ ଦେଖିବାକୁ ମିଳିଛି। ଗତ ୩ ତାରିଖରୁ ଦେଶର ଦୁଇ ବଡ଼ ଘରୋଇ କଂପାନୀ ଏୟାରଟେଲ ଓ ଜିଓ ରିଚାର୍ଜ ଦରରେ ବୃଦ୍ଧି କରିଛନ୍ତି। ଯାହାକୁ ଗ୍ରାହକଙ୍କୁ ଅସନ୍ତୁଷ୍ଟ କରିଛି। ଏକାଥରକେ ଏତେ ଟଙ୍କାର ବୃଦ୍ଧିକୁ ନେଇ ଅସନ୍ତୁଷ୍ଟ ଗ୍ରାହକମାନେ ଏହି ଦୁଇ କଂପାନୀ ବଦଳରେ ବିଏସଏନଏଲ ମୁହାଁ ହୋଇଥିବା ଜଣାପଡ଼ିଛି।

ବିଭାଗୀୟ ମାର୍କେଟିଂ ଅଧିକାରୀଙ୍କ ପାଖରୁ ମିଳିଥିବା ସୂଚନା ଅନୁସାରେ, ଗତ ୧ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ବଲାଙ୍ଗିର ସର୍କଲରେ ୨୭୦ଟି ନୂଆ ବିଏସଏନଏଲ ସିମ କାର୍ଯ୍ୟକ୍ଷମ ହୋଇଛି। ସେହିପରି ୬୦ ଜଣ ଅନ୍ୟ କଂପାନୀ ଛାଡି ବିଏସଏନଏଲକୁ ପୋର୍ଟାବିଲିଟି ମାଧ୍ୟମରେ ନୂତନ

**ରିଚାର୍ଜ ଦର ବଢ଼ିବା ପରେ ବଢୁଛି ଆକର୍ଷଣ**
**୧୦ ଦିନରେ ୨୭୦ ନୂଆ ସିମ୍ କାର୍ଯ୍ୟକ୍ଷମ**
**୬୦ ଗ୍ରାହକ ଛାଡ଼ିଲେଣି ଘରୋଇ କମ୍ପାନୀ**
**ବିଏସ୍ଏନ୍ଏଲ୍‌ର ସିମ୍ ପୋର୍ଟାବିଲିଟି ବୃଦ୍ଧି**

ବିଏସଏନଏଲ ଉପରେ ଲୋକଙ୍କ ଭରସା ପାଉ ନଥିବାରୁ ଅନ୍ୟ ଘରୋଇ ସଂସ୍ଥାର ସିମ ଲୋକେ ବହୁ ପରିମାଣରେ ବ୍ୟବହାର କରୁଥିଲେ। ଦିନଥିଲା ଦେଶରେ ଭାରତୀୟ ସଞ୍ଚାର ନିଗମ ଲିମିଟେଡ ବା ବିଏସଏନଏଲର ଅବସ୍ଥା ସଙ୍ଗିନ ହୋଇପଡ଼ିଥିଲା। ସ୍ଥିତି ଏମିତି ହୋଇଥିଲା ଯେ ସଂସ୍ଥା ବନ୍ଦ ହେବା ଦ୍ୱାରଦେଶରେ ରହିଥିଲା। ଉତ୍ତମ ଟେଲିକମ ସେବା ଯୋଗାଇବାରେ ଏହି ସଂସ୍ଥା ବିଫଳ ହୋଇଥିବାରୁ ଅନ୍ୟ ଘରୋଇ ଟେଲିକମ ସଂସ୍ଥା ଉପରେ ଲୋକଙ୍କ ଭରସା ବଢ଼ିଥିଲା। ପରିଣାମସ୍ୱରୂପ ବିଏସଏନଏଲ ଗ୍ରାହକ ସଂଖ୍ୟା ବହୁମାତ୍ରାରେ କମିଥିଲା।

ଏବେ ଏହି ଚିତ୍ର ସମ୍ପୂର୍ଣ୍ଣ ଭାବେ ବଦଳିଯାଇଛି। ଗ୍ରାହକ ହୋଇଛନ୍ତି। ଏହି ସଂଖ୍ୟା ପୂର୍ବରୁ ଯଥେଷ୍ଟ କମ ରହିଥିଲା। କାଁ ଭାଁ କିଛି ଗ୍ରାହକ ନୂତନ ସିମ ନେଉଥିବା ବେଳେ ଅନ୍ୟ କଂପାନୀ ଛାଡି ବିଏସଏନଏଲ ସିମ ଉପରେ ଭରସା କରୁଥିଲେ। ତେବେ ବିଏସଏନଏଲ ସେବା ଏକ ବଡ଼ ପ୍ରଶ୍ନ ହୋଇରହିଥିବା ବେଳେ ସମ୍ପୃକ୍ତ ଅଧିକାରୀଙ୍କ କହିବାନୁସାରେ, ନିୟମିତ ସେବା ସହ ନେଟୱର୍କ ଭିତ୍ତିଭୂମି ଉନ୍ନତି କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଯାହାକି ଲୋକଙ୍କୁ ପୁଣିଥରେ ବିଏସଏନଏଲ କଂପାନୀ ମୁହାଁ କରିବାରେ ସଫଳ ହୋଇଛି। ଏହି ସଂଖ୍ୟା ଆଗକୁ ଆହୁରି ବଢ଼ିବ ବୋଲି ବିଏସଏନଏଲ ଅଧିକାରୀମାନେ ଆଶା ପ୍ରକଟ କରିଛନ୍ତି।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଆଶାକର୍ମୀ

**ନୂଆପଡ଼ା, ୧୧।୭ (ସମିସ)**

ଆଶାକର୍ମୀମାନେ ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସବୁବେଳେ ସୈନିକ ଭାବରେ ନିୟୋଜିତ ହୋଇ ଅହରହ କାମ କରୁଛନ୍ତି। ଆଶାକର୍ମୀମାନଙ୍କ ଚାକିରୀକୁ ସରକାର ନିୟମିତ କରିବାରେ ପଛଘୁଞ୍ଚା ଦେଉଛନ୍ତି ବୋଲି ଓଡ଼ିଶା ଆଶା କର୍ମୀ ଆସୋସିଏସନର ଆହ୍ୱାନକ୍ରମେ ନୂଆପଡ଼ା ଜିଲ୍ଲା ସଂଘ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଘେରଉ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୫ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ଜିଲ୍ଲା ସଭାପତି ସରସ୍ୱତୀ ମାଝୀ, ସମ୍ପାଦିକା ଗୋପଲକ୍ଷ୍ମୀ ପାଣ୍ଡେଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଏକ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଘେରଉ କରିବା




ସହ ଦୀର୍ଘ ସମୟ ଧରି ନାରାବାଜି କରିଥିଲେ। ଶେଷରେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ବିଭିନ୍ନ ପ୍ରମୁଖ ଦାବି ଗୁଡିକ ମଧ୍ୟରେ ଆଶା କର୍ମୀମାନଙ୍କ ଚାକିରୀକୁ ସ୍ଥାୟୀ କର୍ମଚାରୀର ମାନ୍ୟତା ଦେବା, କର୍ମୀମାନଙ୍କୁ ମାସିକ ଦରମା ବାବଦକୁ ୨୬ହଜାର ଟଙ୍କା ପ୍ରଦାନ, ଶ୍ରମିକ ବିରୋଧି ଶ୍ରମ କୋଡ ବାତିଲ କରିବା, ସମସ୍ତ କର୍ମୀଙ୍କୁ ସ୍ମାର୍ଟ ଫୋନ ପ୍ରଦାନ, ଆଶା ଗୃହରେ ନିୟୋଜିତ କର୍ମୀଙ୍କୁ ୨୦୦ଟଙ୍କା ବଦଳରେ ସର୍ବନିମ୍ନ ମଜୁରୀ ପ୍ରଦାନ, ଗସ୍ତ ଖର୍ଚ୍ଚ ବ୍ୟବସ୍ଥା କରିବା, ଜାତୀୟ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ଯୋଜନାରେ ତାଲିମ ବେଳେ ସର୍ବନିମ୍ନ ଦୈନିକ ମଜୁରୀ ପ୍ରଦାନ କରିବାକୁ ଦାବି ହୋଇଛି। ଏହି ଘେରଉରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ କର୍ମୀ ଯୋଗ ଦେଇଥିଲେ।

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୫ଦଫା ଦାବିପତ୍ର**

ଏଥିରେ ଅନ୍ୟମାନଙ୍କ ମଧ୍ୟରେ କୋଷାଧକ୍ଷା ଗୀତାଞ୍ଜଳୀ କୁମ୍ଭାର, ଗନୀ ସାହୁ, ରୁକମଣୀ ରଣା, ଆରତୀ ଭୋଇ, ଭୁଷବିତା ଜାନୀ, ହେମକାନ୍ତି ମାଝୀ, ଅଞ୍ଜଳୀ ସାହୁ, ସନ୍ତୋ।ଷିନୀ କୈବର୍ତ ପ୍ରମୁଖ ସାମିଲ ଥିଲେ।

# ବଲାଙ୍ଗିରରେ ଉପମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

**ବଲାଙ୍ଗିର, ୧୧।୭ (ସମିସ):** ପୂର୍ବାହ୍ନରେ ଡିଏଫଓଙ୍କ ସମ୍ମିଳନୀ କକ୍ଷଠାରେ ଓଡ଼ିଶା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଅଧିକାରୀମାନେ ଫିଲ୍ଡକୁ ଯାଇ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ବିଭାଗର ଏହି ସମୀକ୍ଷା ବୈଠକରେ ବଲାଙ୍ଗିର ସାଂସଦ ସଙ୍ଗୀତା ସିଂ ଦେଓ, ବିଧାୟକ କଳିକେଶ ସିଂଦେଓ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଗୌରବ ଶିବାଜୀ ଇସଲୱାର, ଆରକ୍ଷୀ ଅଧୀକ୍ଷକ ଖିଲାରୀ ରିଷିକେଶ ଦ୍ୟାନଦେଓ, ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପବିତ୍ର ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ଡିଏଫଓ ସୁଦର୍ଶନ ବେହେରା, ସିଡିଏମଓ ଡ. ପ୍ରଦୀପ ଗୁରୁଙ୍କ ସମେତ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# ମଶାଣିରୁ ଜବତ ହେଲା ଗଳିତ ଶବ



**ସିନାପାଲି, ୧୧।୭ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅନ୍ତର୍ଗତ ହୀରାପୁର ଗ୍ରାମରେ ଏକ ଚାଞ୍ଚଲ୍ୟକର ଘଟଣା ଦେଖିବାକୁ ମିଳିଛି। ନିଜ ଝିଅର ମୃତ୍ୟୁ ପରେ କେଉଁ କାରଣରୁ ମୃତ୍ୟୁ ଘଟିଛି ତାହା ଜାଣିବା ପାଇଁ ସିନାପାଲି ଥାନାରେ ମୃତଙ୍କ ମା ଲିଖିତ ଅଭିଯୋଗ କରିବା ପରେ ଗାଁ ମଶାଣୀରୁ ଗଳିତ ଶବ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଡାକ୍ତରଖାନାକୁ ପଠାଯାଇଥିବା ସିନାପାଲି ପୋଲିସ ସୁତ୍ରରୁ ଜଣାପଡ଼ିଛି। ଏଠାରେ ପ୍ରକାଶ ଯୋଗ୍ୟ ଯେ, ସିନାପାଲି ବ୍ଲକ ଗୋଡାଳ ଗ୍ରାମପଞ୍ଚାୟତର ବ୍ରାହ୍ମଣପଡ଼ା ଗ୍ରାମର ମୀନା ମାଝିଙ୍କୁ ହୀରାପୁର ଗ୍ରାମର ଅନ୍ତରାମ ମାଝି ଗତ ୮ ବର୍ଷ ତଳେ ସାମାଜିକ ରୀତିନୀତି ଅନୁସାରେ ବିବାହ କରିଥିଲେ। କୌଣସି କାରଣରୁ ମୀନା ମାଝିଙ୍କ ମଙ୍ଗଳବାର ମୃତ୍ୟୁ ଘଟିଥିବା ବେଳେ ସେହି ରାତିରେ ଗାଁ ମଶାଣୀରେ ଶବ ପୋତା ଯାଇଥିଲା। ହେଲେ ଏହି ଘଟଣାକୁ ମୃତଙ୍କ ମା ସନ୍ଦେହ ପ୍ରକାଶ କରି ସିନାପାଲି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମଶାଣିରୁ ଶବକୁ ବାହାର କରାଯାଇ ପ୍ରଥମେ ଭବାନୀପାଟଣା ଓ ପରେ ବଲାଙ୍ଗୀର ମେଡିକାଲ କଲେଜକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ପୋଲିସ ପ୍ରକାଶ କରିଛି। ଗୁରୁବାର ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ସିନାପାଲି ବିଡ଼ିଓ ଅବିନାଶ ଲାକ୍ରା, ସିନାପାଲି ଥାନା ଅଧିକାରୀ ରଶ୍ମିତା ପ୍ରଧାନ, ତଦନ୍ତକାରୀ ଅଧିକାରୀ ବିନୋଦ ବିହାରୀ ସେଠୀ ଓ ଭବାନୀପାଟଣା ସାଇଣ୍ଟିଫିକ ଦଳ ପହଞ୍ଚି ଶବ ଉଦ୍ଧାର କରିଥିବା ବେଳେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନାହିଁ। ଅଭିଯୋଗକୁ ଭିତ୍ତି କରି ସିନାପାଲି ଥାନରେ କେସ ନଂ ୬ ଅନୁସାରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ପୁଲିସ ସୁତ୍ରରୁ ପ୍ରକାଶ ହୋଇଛି। ମୃତ ମହିଳାଙ୍କ ସ୍ୱାମୀ କାମ ଅନ୍ୱେଷଣରେ ଗୋଆ ସହରକୁ ଯାଇଥିବା ବେଳେ ଗାଁ କୁ ଫେରୁଥିବା ଜଣାପଡ଼ିଛି। ମୃତ ମହିଳାଙ୍କର ଗୋଟିଏ ୭ ବର୍ଷର ପୁଅ ଥିବା ଜଣାପଡ଼ିଛି।

# ଜମିବାଡ଼ି ବିବାଦ, ବଡ଼ ଭାଇକୁ ସାନର ଗୁଳିମାଡ଼ ଅଭିଯୋଗ

**ରେଢ଼ାଖୋଲ, ୧୧।୭ (ସମିସ):** ଘରୋଇ କଳହକୁ ନେଇ ସାନ ଭାଇ ଏକ ଚୋରା ବନ୍ଧୁକରେ ବଡ଼ ଭାଇକୁ ଗୁଳି ମାଡ଼ କରିଥିଲା। ଏଥିରେ ବଡ଼ ଭାଇର ପରିବାର ଲୋକ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏପରି ଏକ ଅଶୋଭନୀୟ ଘଟଣା ଘଟିଛି ରେଢ଼ାଖୋଲ ଉପଖଣ୍ଡ ଅନ୍ତର୍ଗତ ନାକଟିଦେଉଳ ବ୍ଲକ ଅଧୀନ ପାଣିମୋରା ଗ୍ରାମ ପଞ୍ଚାୟତ ତାଲବ ଗ୍ରାମରେ। ରାତ୍ରି ୯ ଟା ସମୟରେ ସାନ ଭାଇ ଜୟକୃଷ୍ଣ ଦେହୁରୀ( ୩୨) ବଡ ଭାଇ ଉମାକାନ୍ତ ଦେହୁରୀଙ୍କୁ ଚୋରା ବନ୍ଧୁକରେ ଗୁଳି ମାଡ଼ କରିବା ଅଭିଯୋଗ ହୋଇଛି। ଘର କାନ୍ଥରେ ଗୁଳି ବାଜିବାରୁ ଅଳ୍ପକେ ପରିବାରର ଚାରି ସଦସ୍ୟ ବଡ଼ ଦୁର୍ଘଟଣାରୁ ବଞ୍ଚି ଯାଇଛନ୍ତି। ଏ ସଂକ୍ରାନ୍ତରେ କିସିଣ୍ଡା ପୁଲିସ କେସ ନଂ ୪୯/୨୪ରେ ଏକ ମାମଲା ରୁଜୁ କରି ଭାରପ୍ରାପ୍ତ ଥାନା ଅଧିକାରୀ ଅଞ୍ଜଳି କୁମ୍ଭାର ଘଟଣା ସ୍ଥଳକୁ ସାଇଣ୍ଟିଫିକ ଟିମ୍ ସହିତ ଯାଇ ତଦନ୍ତ ଆରମ୍ଭ କରିଥିଲେ। ଏଥିରେ ଜୟକୃଷ୍ଣ ଦେହୁରୀଙ୍କୁ ନିଜ ଘର ତାଲବ ଗ୍ରାମରୁ ଗିରଫ କରାଯାଇଛି। ସୂଚନା ଯୋଗ୍ୟ ଯେ ଜୟକୃଷ୍ଣ ପୂର୍ବରୁ ମାଓ ସଂଗଠନରେ ଜଡ଼ିତ ଥିବାରୁ ସେ ଜେଲ୍ ସଜା କାଟିଛନ୍ତି।



# ଗଞ୍ଜେଇ ଜବତ, ଜଣେ ଗିରଫ

**ତୁଷୁରା, ୧୧।୭ (ସମିସ):** ତୁଷୁରା ପୁଲିସ ଗୁରୁବାର ଜାମୁଟ ରାସ୍ତାରେ ପାଟ୍ରୋଲିଙ୍ଗ କରୁଥିବା ସମୟରେ ଯୁଗିମରା ଛକଠାରେ ଏକ ବାଇକରୁ ୭ କେଜି ୩୫୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଚୋରା ଚାଲାଣ ଅଭିଯୋଗରେ କଳାହାଣ୍ଡି ଜିଲ୍ଲା ମ. ରାମପୁରର ମହେନ୍ଦ୍ର ସାହୁକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

■ ଲୁଟ୍ ଉଦ୍ୟମ ପଣ୍ଡ; ୩ ଲୁଟେରା ଗିରଫ

# ତେଲଙ୍ଗାନା ଯାଉଛୁ କହି ତିଳେଶ୍ୱରରେ ଧରାପଡ଼ିଲେ

**ହରଭଙ୍ଗା, ୧୧।୭ (ସମିସ):** ବୌଦ୍ଧ ଜିଲ୍ଲା ପୁରୁଣା କଟକ ଥାନା ତିଳେଶ୍ୱର ବଜାର ମଧ୍ୟରେ ଥିବା ଏଟିଏମ ଉପରେ ଲୁଟେରାଙ୍କ ନଜର ପଡ଼ିଥିଲା। ଲୁଟ ଉଦ୍ୟମ ସମୟରେ ସ୍ଥାନୀୟ ଲୋକଙ୍କୁ ଦେଖି ଘଟଣାସ୍ଥଳରୁ

**ନାନୋ କାର୍ ସହ ବିଭିନ୍ନ ସାମଗ୍ରୀ ଜବତ**

ଫେରାର ମାରିଥିଲେ ଲୁଟେରା। ଖବର ପାଇ ପୁରୁଣା କଟକ ପୁଲିସ ସିସିଟିଭି ଫୁଟେଜ ଆଧାରରେ ୩ ଜଣଙ୍କୁ ଧରିବାରେ ସଫଳ ହୋଇଛି। ତେବେ, ମୁଖ୍ୟ ଆସାମୀ ଫେରାର ମାରିଛି। ଗିରଫ ତିନି ଜଣ ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଅଞ୍ଚଳରୁ ଧରି ପଡ଼ିଛନ୍ତି। ସେମାନେ କୁଆଡ଼େ ପରିବାର ଲୋକଙ୍କ ତେଲଙ୍ଗାନା କାମ କରିବାକୁ ଯାଉଛୁ କହି ଲୁଟ୍ ଉଦ୍ୟମ କରିଥିବା ପୁଲିସ ନିକଟରେ ସ୍ୱୀକାର କରିଛନ୍ତି। ଅଭିଯୁକ୍ତଙ୍କଠାରୁ ଏକ ନାନୋ କାର, ୩ଟି



ମୋବାଇଲ, ଜି ପ୍ୟାଡ଼ ମୋବାଇଲ, କଇଁଚି, ସୁଟ୍‌କେସ୍, ଏୟାରବ୍ୟାଗ, କ୍ଲୋରୋଫର୍ମ, ଅକ୍ସିଜେନ ସିଲିଣ୍ଡର, କଟର, ପ୍ଲାଷ୍ଟିକ ଦୌଡ଼ି, ପୁଲିସ ଓ ସିକ୍ୟୁରିଟି ୟୁନିଫର୍ମ ଆଦି ଜବତ କରିଛି ପୁଲିସ। ସମସ୍ତଙ୍କୁ ଏକ ମାମଲା ରୁଜୁକରି କୋର୍ଟ ଚାଲାଣ କରାଯାଇଛି।

ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲ୍ଲା ଶେରଗଡ଼ ଅଞ୍ଚଳର ରୋଶନ ରାଉତ (୧୯), କଟକ ସେମିନାର ଛକ ପୁରୀଘାଟ ଅଞ୍ଚଳର ସୁରେନ୍ଦ୍ର ସେଠୀ (୨୫) ଓ କଟକ ଖାନନଗର ଅଞ୍ଚଳର ଦେବାଶିଷ ପ୍ରଧାନ (୧୮)। ସେମାନେ ପ୍ରଥମ କରି ଲୁଟ ଉଦ୍ୟମ ଯୋଜନା କରୁଥିବା ଏବଂ ସମସ୍ତ ବ୍ୟବହୃତ ସାମଗ୍ରୀ ନୂତନ ଥିବା ନେଇ ପୁରୁଣା କଟକ ପୁଲିସ ପକ୍ଷରୁ ସୂଚନା ମିଳିଛି।



# ଅଜଣା ବୃଦ୍ଧଙ୍କ ଶବ ଉଦ୍ଧାର

**ସିନାପାଲି, ୧୧।୭ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ସହର ଗୋଡାଳ ନିକଟସ୍ଥ ଫୋର୍ ଲାଇନ ରାସ୍ତା କଡ଼ରୁ ଏକ ଅଜଣା ବୃଦ୍ଧଙ୍କ ଶବ ସିନାପାଲି ପୁଲିସ ଜବତ କରିଛି। ପ୍ରକାଶ ଯେ ଗୁରୁବାର ସନ୍ଧ୍ୟାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ସିନାପାଲି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ତାଙ୍କର କୌଣସି ପରିଚୟ ମିଳିନାହିଁ। ଉକ୍ତ ବୃଦ୍ଧଙ୍କ ବୟସ ପାଖାପାଖି ୬୦ ବର୍ଷ ହୋଇଥିବା ଅନୁମାନ କରାଯାଉଛି। ସେ ଏକ ହାଫ୍ ପ୍ୟାଣ୍ଟ ପିନ୍ଧିଥିବା ବେଳେ ତାଙ୍କ ପାଖରେ ଏକ ଠେଙ୍ଗା ଓ ଟାୱାଲ ପଡ଼ିଛି। ତାଙ୍କର କୌଣସି ଦାବିଦାର ନ ଆସିଲେ ଶବ ବ୍ୟବଚ୍ଛେଦର ୭୨ ଘଣ୍ଟା ମଧ୍ୟରେ ସରକାରୀ ନିୟମ ଅନୁସାରେ ଶବ ସଂସ୍କାର କରାଯିବ ବୋଲି ସିନାପାଲି ଥାନା ଅଧିକାରୀ ରଶ୍ମିତା ପ୍ରଧାନ ପ୍ରକାଶ କରିଛନ୍ତି।

# ସର୍ବଭାରତୀୟ ସିଏ ପରୀକ୍ଷାରେ ୪୭ତମ ସ୍ଥାନରେ ଜୁନାଗଡ଼ ଝିଅ ସାଇନା

**ଜୁନାଗଡ଼, ୧୧।୭ (ସମିସ):** ଜୁନାଗଡ଼ ସହରର ସାଇନା ଅଗ୍ରୱାଲ ସର୍ବଭାରତୀୟ ସିଏ ପରୀକ୍ଷାରେ ୪୭ ତମ ର୍‌ୟାଙ୍କ ରଖି କୃତିତ୍ୱ ହାସଲ କରି କଳାହାଣ୍ଡି ତଥା ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି କୃତିତ୍ୱ ଯୋଗୁ ଜୁନାଗଡ଼ ସହର ତଥା ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଜୁନାଗଡ଼ ସହରର ସୁନୀଲ ଅଗ୍ରୱାଲ ଓ ରିନା ଅଗ୍ରୱାଲଙ୍କ ସୁପୂତ୍ରି ହେଉଛନ୍ତି ସାଇନା। ସେ ପ୍ରଥମେ ସର୍ବ ଭାରତୀୟ ସି ଏ ଫାଉଣ୍ଡେସନ ପରୀକ୍ଷାରେ ପ୍ରଥମ ର୍‌ୟାଙ୍କରେ ଥିବା ବେଳେ ଇଣ୍ଟରମିଡ଼ିଏଟରେ ୧୨ ନମ୍ବର ର୍‌ୟାଙ୍କରେ କୃତିତ୍ୱ ହାସଲ କରିଥିଲେ। ସେ ଆଗକୁ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ ବୋଲି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ତାଙ୍କର କୃତିତ୍ୱରେ ଜୁନାଗଡ଼ ବିଧାୟକ୍ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର, ଲାୟନ ମାଣିକ ଚାନ୍ଦ ଅଗ୍ରୱାଲ, ସମାଜସେବୀ ଦୁର୍ଗା ନାଏକ, ସାମ୍ବାଦିକ ସଂଘ, ବଣିକ ସଂଘ ପକ୍ଷରୁ ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



**ଉପମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ**

# ଲୋକାଭିମୁଖୀ ହେବା ପାଇଁ ପ୍ରଶାସନକୁ ପରାମର୍ଶ

**ସୋନପୁର, ୧୧।୭ (ସମିସ)**

ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ସୁବର୍ଣ୍ଣପୁର ଗସ୍ତରେ ଆସି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଭିନ୍ନ ବିଭାଗର ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୈଠକରେ ବଲାଙ୍ଗିର ସାଂସଦ ସଙ୍ଗୀତା କୁମାରୀ ସିଂଦେଓ, ବୀରାମହାରାଜପୁର ବିଧାୟକ

**ପ୍ରତି ତିନି ମାସରେ କରାଯିବ ସମୀକ୍ଷା**

ରଘୁନାଥ ଜଗଦଲା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ପ୍ରମୁଖ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସମସ୍ତ ଅଧିକାରୀ ନିସ୍ୱାର୍ଥପର ଭାବରେ ଲୋକମାନଙ୍କୁ ସରକାରଙ୍କ ପ୍ରଦତ୍ତ ସମସ୍ତ ସୁବିଧାସୁଯୋଗ ତତ୍ପରତାର ସହିତ ଯୋଗାଇଦେବା ସହ ଏଥିପାଇଁ ପ୍ରଶାସନ ଲୋକଙ୍କ ନିକଟତର ହେବାକୁ ପରାମର୍ଶ ଦେଇଛନ୍ତି ଶ୍ରୀ ସିଂହଦେଓ। ଏହାପରେ କୃଷି ବିଭାଗର ଜିଲ୍ଲା ଅଧିକାରୀ ଡ. ବିଭୂତି ଭୂଷଣ ମିଶ୍ର ଜିଲ୍ଲାରେ ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଅବଗତ କରିଥିଲେ। କୃଷକ ମାନଙ୍କ ସୁବିଧା ନିମନ୍ତେ ଏଇ ସରକାର ଅତିଶୀଘ୍ର ସମସ୍ତ ଜିଲ୍ଲା ଏବଂ ସବଡିଭିଜନ ସ୍ତରରେ ଶୀତଳ ଭଣ୍ଡାର ଖୋଲିବାର ଯୋଜନା କରୁଛନ୍ତି ବୋଲି କହିଥିଲେ। ସେହିପରି



ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟଜଳ ଶୀଘ୍ର ଯୋଗାଇଦେବା ପାଇଁ ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଯନ୍ତ୍ରୀ ଅରୁଣ ଜ୍ୟୋତିର୍ମୟଙ୍କୁ ଜିଲ୍ଲାରେ ଥିବା ସମସ୍ତ ଅଚଳ ଜଳସେଚନ ପ୍ରକଳ୍ପଗୁଡିକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦାମୋଦର କୈବର୍ତ୍ତ ଓ ରୁରାଲ ୱାର୍କ୍ସ ଯନ୍ତ୍ରୀଙ୍କୁ ଜିଲ୍ଲାରେ ନିର୍ମାଣାଧୀନ ସମସ୍ତ ରାସ୍ତା କାମକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସାରିବା ପାଇଁ କହିଥିଲେ। ସୋନପୁର ଡୁଙ୍ଗୁରିପାଲି ରାସ୍ତା କାମର ମନ୍ଥରତା ପାଇଁ ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତେଲ ନଦୀ ଅବବାହିକା ନିର୍ବାହୀ ଯନ୍ତ୍ରୀଙ୍କୁ ସମସ୍ତ ଜଳସେଚନ ପ୍ରକଳ୍ପର ଜଳ ଯେମିତି କେନାଲର ଶେଷମୁଣ୍ଡ ପର୍ଯ୍ୟନ୍ତ ପହଞ୍ଚିପାରିବ ତାହାକୁ ସୁନିଶ୍ଚିତ କରିବା ପାଇଁ କହିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦୁର୍ଗାଦତ୍ତ ଦାଶଙ୍କୁ ଖାଲି ପଡ଼ିଥିବା ପଦ ସହ ଅନ୍ୟାନ୍ୟ ସମସ୍ୟା ସମ୍ବନ୍ଧରେ ପଚାରି ବୁଝିଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ ଜିଲ୍ଲାରେ ବିଭିନ୍ନ ଯୋଜନାର ହିତାଧିକାରୀଙ୍କ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀ ତାଙ୍କ ବିଭାଗ କାର୍ଯ୍ୟର ରିପୋର୍ଟ ପ୍ରଦାନ କରିଥିଲେ। ଉଦ୍ୟାନକୃଷି ଉପନିର୍ଦ୍ଦେଶକଙ୍କୁ ଜିଲ୍ଲାରେ ହାଇବ୍ରିଡ଼ ପନିପରିବା ବଦଳରେ କମ ସାର ଏବଂ କୀଟନାଶକ ପ୍ରୟୋଗକରି ଦେଶୀ ପନିପରିବା ଚାଷ କରିବା ପାଇଁ କୃଷକ ମାନଙ୍କୁ ଉତ୍ସାହିତ କରିବା ପାଇଁ କହିଥିଲେ। ବନ ଅଧିକାରୀଙ୍କୁ ବ୍ୟାପକ ବନୀକରଣ କରିବା ସହିତ ବାଉଁଶ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ମହିଳା ଏବଂ ଶିଶୁଙ୍କ ବିରୋଧରେ ହେଉଥିବା ଅପରାଧ ପ୍ରତି ଶୂନ୍ୟ ସହନଶୀଳତା ନୀତି ଆପଣେଇବା ପାଇଁ ପରାମର୍ଶ ଦେଇଥିଲେ।

ବୈଠକରେ ଆରକ୍ଷୀ ବଲାଙ୍ଗୀର ଅଧୀକ୍ଷକ ଡି. ରିଷିକେଶ ଖିଲାରୀ, ଭାରପ୍ରାପ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବୀରେନ୍ଦ୍ର ନାୟକ, ଏପିଡି ପଲ୍ଲବୀ ରାଜ, ସୋନପୁର ଉପଜିଲ୍ଲାପାଳ ସୂରଜ ପଟ୍ଟନାୟକ, ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଜଳବିଭାଜିକା ମାଧ୍ୟମରେ ସ୍ୱାବଲମ୍ବୀ ହେବାକୁ ମହିଳାଙ୍କୁ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ

**ଜମନକିରା, ୧୧।୭ (ସମିସ):** ଜମନିକରା ଜଳବିଭାଜିକା ପକ୍ଷରୁ ଟେଲରିଙ୍ଗ ତାଲିମ ଶିବର ଅନୁଷ୍ଠିତ ହୋଇଛି। ତାଲିମ ଦାତା ଭାବରେ ଟିକେଶ୍ୱରୀ ନାଏକ ଓ ଯଜ୍ଞସେନୀ



ଚୌଧୁରୀ ସେହିପରି ଗରିଆବକହାଲରେ ଗ୍ରାମରେ ଫିନାଇଲ୍ ତାଲିମ ଦାତା ଭାବରେ ପ୍ରମୋଦ କୁମାର ବେହେରା, ଧିରେନ କୁମାର ପରିଡ଼ା ରହି ଥିବା ବେଳେ ପ୍ରୋଗ୍ରାମ କୋଡ଼ିନେଟର ଧିରେନ୍ କୁମାର ରଣା ଯୋଗ ଦେଇ ଥିବା ବେଳେ ପିଆଇଓ ସଞ୍ଜୀତ ପ୍ରଧାନ ମଧ୍ୟ ଯୋଗ ଦେଇ ଥିଲେ। ଏଥିସହ କୃଷିବିଭାଗ, ଉଦ୍ୟାନ ଭିଭାଗ, ପଶୁସମ୍ପଦ ବିଭାଗ, ମତ୍ସ୍ୟ ବିଭାଗର ତାଲିମ ପ୍ରାପ୍ତ ଅଭିଜ୍ଞ ତାଲିମଦାତାଙ୍କୁ ନେଇ ଚାଷୀଙ୍କୁ ତାଲିମ ପ୍ରଦାନ କରାଯାଉଛି।

ସେହିପରି ଏସଏଚଜି ମହିଳାମାନଙ୍କୁ ବିନା ସୁଧରେ ବର୍ଷକୁ ପଚାଶ ହଜାର ଟଙ୍କା ପ୍ରଦାନ କରାଯାଉଥିବାବେଳେ ବର୍ତ୍ତମାନ ଜଳବିଭାଜିକା ଅଞ୍ଚଳର ଫାଶୀମାଳଠାରେ ମହିଳାମାନଙ୍କୁ ଟେଲରିଙ୍ଗ, ମହମବତୀ, ବଡି, ପାମ୍ପଡ, ଛତୁ ଚାଷ, ଫିନାଇଲ୍, ସାବୁନ, ଧୂପକାଠି ପାଇଁ ପ୍ରାୟ ୨୫୯ ଜଣ ମହିଳାଙ୍କୁ ତାଲିମ ପ୍ରଦାନ କରାଯାଉଛି। ଏହିସହ ବେକାର ଯୁବକ ଯୁବତୀ ମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଇ ଆତ୍ମନିର୍ଭର ହେବାରେ ସହଯୋଗ କରାଯାଉଛି। ଜଳବିଭାଜିକା କମିଟୀ ଗଠନ ପରେ ଚାଷୀ, ମହିଳା, ବେକାର ଯୁବକ ଯୁବତୀ ଉପକୃତ ହୋଇପାରିଛନ୍ତି। ୫ ପଞ୍ଚାୟତର ୨୭ ଟି ଗ୍ରାମରେ ୯ ଟି ଜଳବିଭାଜିକା କମିଟୀ ଗଠନ କରାଯାଇ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି।

